

ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଡ. ବି.ଆର୍. ଆମ୍ବେଡକର ସେବାସମିତି କାର୍ଯ୍ୟକାରିଣୀ ବୈଠକ

ଚିପିଲିମା,୧୮।୬(ଡି.ଏନ୍.ଏ.):ସମ୍ବଲପୁର ପଡ଼ିଆବାହାଲ ଡ. ବି.ଆର୍. ଅମ୍ବେଡକର ସେବା ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ପୂର୍ଣ୍ଣ ସୁନାନୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଣ୍ଡେନପାଲିରେ ଗତ ୨ ତାରିଖରେ ଅନୁଷ୍ଠିତ ସାଧାରଣ ବୈଠକରେ ପଞ୍ଚାୟତସ୍ତରୀୟ କମିଟି ସଦସ୍ୟ ଭାବରେ ଦିଲୀପ କୁସୁମ, ସବ୍ୟସାଚୀ ଛୁରା, ରଞ୍ଜନ ସୁନାନୀ, ରାଜେଶ ଜାର୍ଡିଆ, ସଦାନନ୍ଦ ସୁନାନୀ, ସୁବୋଧ ଜାର୍ଡିଆଙ୍କୁ ମନୋନୟନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିବାବେଳେ ଏହି ବୈଠକରେ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ପରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ପ୍ରୀତି ପ୍ରଧାନଙ୍କୁ ସଂଯୋଜକ, ବିପିନ ବିହାରୀ ନାଗ ଓ ନରସିଂହ ଚରଣ ରଞ୍ଜିତଙ୍କୁ ଉପଦେଷ୍ଟା ଭାବରେ ମନୋନୀତ କରାଯାଇଛି। ଆସନ୍ତା ମାସରେ ଏକ ଜିଲାସ୍ତରୀୟ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିବା ପ୍ରୀତି ପ୍ରଧାନ ସୂଚନା ଦେଇଛନ୍ତି। ଶେଷରେ ସରୋଜ କୁମାର ରନବିଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଲୋଚନା କରିବାକୁ ମନାକଲା କମ୍ପାନୀ

ସମ୍ବଲପୁର,୧୮।୬(ବ୍ୟୁରୋ)

ସମ୍ବଲପୁର ଜିଲା ଶ୍ରମ ବିଭାଗ ଅଫିସ ସମ୍ମୁଖରେ ପ୍ରାୟ ୧ ସପ୍ତାହ ହେଲା ଶ୍ରମିକମାନଙ୍କ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ଏହି ଆନ୍ଦୋଳନର ସମାଧାନ ହେବ ବୋଲି ଆଶା କରାଯାଉଥିଲା। ହେଲେ ଆଲୋଚନା ବିଫଳ ହୋଇଛି। ଡିଏଲ୍‌ସି ଏସ୍. ଲୁଗୁନଙ୍କ ନିର୍ଦ୍ଦେଶକ୍ରମେ ଆଦିତ୍ୟ ଆଲୁମିନିୟମ କମ୍ପାନୀର ଅଧିକାରୀ ପୂର୍ବାହ୍ନ ପ୍ରାୟ ୧୧ଟାରେ କାର୍ଯ୍ୟାଳୟକୁ ଆସିଥିଲେ। ଆନ୍ଦୋଳନ କରୁଥିବା ଶ୍ରମିକମାନଙ୍କ ପ୍ରତିନିଧି ଦଳ ବୈଠକକୁ ଯାଇଥିଲେ। ତେବେ ଏହି ଶ୍ରମିକ ସଂଘ ଆଦିତ୍ୟ ଆଲୁମିନିୟମ କମ୍ପାନୀର ନୁହନ୍ତି ବୋଲି କହି ଆଲୋଚନା ପୂର୍ବରୁ ଅଧିକାରୀମାନେ ବୈଠକ ବର୍ଜନ କରି ଚାଲି ଯାଇଥିଲେ। ପରେ ଅଫିସ ପରିସରରେ ଅସନ୍ତୋଷ ଦେଖାଯାଇଥିଲା। ଘଟଣାସ୍ଥଳରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ପହଞ୍ଚିଥିଲେ। ଏହି ମାମଲାରେ ହସ୍ତକ୍ଷେପ କରି ଡିଏଲ୍‌ସି ଲୁଗୁନଙ୍କ ସହ ସେ ଆଲୋଚନା କରିଥିଲେ। ପରେ ସନ୍ଧ୍ୟା ୫ଟାରେ ପୁନର୍ବାର ବୈଠକ କରିବା ପାଇଁ ସ୍ଥିର କରାଯାଇଥିଲା। ହେଲେ ରାତି ୮ଟା ପର୍ଯ୍ୟନ୍ତ କମ୍ପାନୀ ଅଧିକାରୀ ଅସି ନ ଥିଲେ। ଫଳରେ ଡିଏଲ୍‌ସି ଲୁଗୁନ ଓ ଡିଏଲ୍‌ଓ ସୁମିତ୍ରା ମାଝି ଜିଲାପାଳ ଶୁଭମ ସକସେନା ଓ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ଆନ୍ଦୋଳନ ସ୍ଥିତି ଉପରେ ଜଣାଇଥିଲେ। ରାତି ୧୦ଟା ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇପାରି ନ ଥିବା ଶ୍ରମିକ ସଂଘ ସଭାପତି ବିଭୂତିଭୂଷଣ ପଡିହାରୀ କହିଛନ୍ତି। ସୂଚନାଯୋଗ୍ୟ, ଆଦିତ୍ୟ ଆଲୁମିନିୟମରେ ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି ଓ ସେମାନଙ୍କୁ ମନମୁଖି ଭାବେ କମ୍ପାନୀ ଅଧିକାରୀ ନିଲମ୍ବନ କରୁଛନ୍ତି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ନିଲମ୍ବିତ ଶ୍ରମିକଙ୍କୁ ପୁନର୍ବାର ନିଯୁକ୍ତି ପ୍ରଦାନ, କ୍ୟାଣ୍ଟିନରେ ଉତ୍ତମ ଖାଦ୍ୟ ପରିବେଷଣ ଭଳି ୧୦ ଦାବି ନେଇ ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି। ଆଲୋଚନା ମାଧ୍ୟମରେ ଏହି ଘଟଣାର ସମାଧାନ କରିବାକୁ ଡିଏଲ୍‌ସିଙ୍କ ପକ୍ଷରୁ ଆଦିତ୍ୟ ଆଲୁମିନିୟମ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା। ୧୮ ତାରିଖରେ ଏ ନେଇ ଆଲୋଚନା ବୈଠକ ଆହ୍ୱାନ କରାଯାଇଥିଲା।




ସମ୍ବଲପୁର ଡିଏଲ୍‌ସି ଅଫିସ ସମ୍ମୁଖରେ ଧାରଣାରେ ବସିଥିବା ଶ୍ରମିକଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

# ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ, ଗୋଟିଏ ପରିବାର ସର୍ବସ୍ୱାନ୍ତ

ରେଢ଼ାଖୋଲ,୧୮।୬(ଡି.ଏନ୍.ଏ.)

ଶର୍ଟସର୍କିଟରୁ ନିଆଁ ଲାଗି ରେଢ଼ାଖୋଲ ଥାନା ବନ୍ତଲୋଇ ଗ୍ରାମର ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛି। ସରକାରୀ ସହାୟତା ଯୋଗାଇଦେବାକୁ ବିପନ୍ନ ପରିବାର ମଙ୍ଗଳବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, ଗ୍ରାମର ସୁଦର୍ଶନ ସ୍ୱାଇଁଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ଏଥିରେ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଘର ଭିତରେ ଥିବା ସମସ୍ତ ଆସବାବପତ୍ର, ୫୦ ହଜାର ଟଙ୍କା, ସୁନା ଅଳଙ୍କାର, ଟିଭି, ଫ୍ରିଜ, କୁଲର, ମୋବାଇଲ, ୨ ସେଟ ପଲଙ୍କ, ଡ୍ରେସିଂ ଟେବୁଲ, ୱାଶିଂ ମେଶିନ, ସୋଫା ସେଟ୍, ଷ୍ଟିଲ୍ ଆଲମିରା ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଏପରି କି ବ୍ୟାଙ୍କ ପାସବୁକ୍, ଆଧାରକାର୍ଡ ଲୁଗାପଟା ମଧ୍ୟ ନଷ୍ଟ ହୋଇଛି। ନିଆଁ ତାତିରେ ଘରର କାନ୍ଥ ମଧ୍ୟ ଭାଙ୍ଗି ପଡ଼ିଯାଇଥିଲା। ନିଆଁ ଲାଗିବା ପରେ ଗ୍ରାମବାସୀ ଏହାକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ରେଢ଼ାଖୋଲ ଦମକଳ ବାହିନୀ ପହଞ୍ଚିଥିଲେ ହେଁ ସେତେବେଳକୁ ସବୁ ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡରେ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି। ପ୍ରାୟ ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ସୁଦର୍ଶନ ଚାରମାଳ ଆର୍‌ଆଇଙ୍କ ଜରିଆରେ ରେଢ଼ାଖୋଲ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଆର୍‌ଆଇ ଗ୍ରାମକୁ ଯାଇ ତଦନ୍ତ କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ୨ଟି ତାରପୋଲିନ ଯୋଗାଇ ଦେଇଥିବା ଜଣାପଡ଼ିଛି।



ନିଆଁରେ ପୋଡ଼ିଯାଇଥିବା ଘର।



ଜିଲାପାଳ ଅଫିସ ସମ୍ମୁଖରେ ଜଗନ୍ନାଥ କଲୋନୀବାସୀ।

# କେନାଲ ସଫା ଦାବି କଲେ ଜଗନ୍ନାଥ କଲୋନୀବାସୀ

ସମ୍ବଲପୁର,୧୮।୬(ବ୍ୟୁରୋ)

କେନାଲ ସଫା କରିବାକୁ ସମ୍ବଲପୁର ଜଗନ୍ନାଥ କଲୋନୀବାସୀ ଦାବି କରିଛନ୍ତି। ଜିଲାପାଳ ଶୁଭମ ସକସେନାଙ୍କୁ ଭେଟି ସେମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଜଗନ୍ନାଥ କଲୋନୀଠାରୁ ସାକ୍ଷୀପଡ଼ାକୁ ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଯଥା; ଗୋଡ଼ି, ମେଟାଲ, ବାଲି ପ୍ରଭୃତି ପଡ଼ି କେନାଲ ପୋତି ହୋଇଯାଇଛି। ଆଗକୁ ବର୍ଷାଋତୁ ଅସୁଛି। ଏହା ପୂର୍ବରୁ କେନାଲ ସଫା କରା ନ ଗଲେ ବର୍ଷା ପାଣି ଜମି ରହି ଘର ଭିତରେ ପଶିବ। ଜଗନ୍ନାଥ କଲୋନୀ ସହ ଅଇଁଠାପାଲି, ଏସ୍‌ଆର୍‌ଆଇଟି କଲୋନୀ, ବାଲାଜୀ କମ୍ପ୍ଲେକ୍ସ ଅଞ୍ଚଳର ପାଣି ଏହି କେନାଲରେ ପ୍ରବାହିତ ହୋଇଥାଏ। ତେଣୁ ଏହି ଅଞ୍ଚଳଗୁଡ଼ିକରେ ମଧ୍ୟ ସମସ୍ୟା ହେବ। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ। ବର୍ଷା ସମୟରେ କାମ ବନ୍ଦ କରାଯାଉ ବୋଲି କଲୋନୀବାସୀ ଦାବି କରିଛନ୍ତି। ଡାକ୍ତର ଦିଲୀପ କୁମାର ନନ୍ଦ, ପ୍ରଫେସର ନନ୍ଦ କିଶୋର ପୂଜାରୀ, ସୁଧୀର ପଣ୍ଡା, ଅନୁପ ମିଶ୍ର, ହରେଶ ହୋତା, ସୁଶାନ୍ତ ପୁରୋହିତ, ଅବିନାଶ ନନ୍ଦ, ଉମେଶ ଝାଙ୍କର, ବଦ୍ରିନାରାୟଣ ପୁରୋହିତ, ଯତୀନ୍ଦ୍ର ସ୍ୱାଇଁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ସରକାରୀ ନିର୍ଦ୍ଦେଶକୁ ବେଖାତିର

# ଏବେ ବି ଚାଲିଛି ପୋଖରୀ ଖୋଳା କାର୍ଯ୍ୟ

କୁଚିଣ୍ଡା,୧୮।୬(ଡି.ଏନ୍.ଏ.)

ଜୁନ ୧୫ ପରେ ମାଟି ଖୋଳା କାମ ବନ୍ଦ ରଖିବାକୁ ସରକାରୀ ନିର୍ଦ୍ଦେଶ ରହିଥିବାବେଳେ କୁଚିଣ୍ଡା ବ୍ଲକ ଚନ୍ଦନୀମାଲ ପଞ୍ଚାୟତ କେଲଡ଼ା ଗ୍ରାମରେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରାଇଛି। ଗତ ୧୬ ତାରିଖରୁ ଗ୍ରାମର ଝାରକଟା (ପୋଖରୀ)ରୁ ପଙ୍କୋଦ୍ଧାର କାମ ଚାଲିଛି। ପୋଖରୀ ହୁଡ଼ାରେ ଲଗାଯାଇଥିବା ସୂଚନା ଫଳକ ତଥ୍ୟ ଅନୁଯାୟୀ, ସମ୍ବଲପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଯୋଜନାରେ ପଞ୍ଚାୟତ ଜରିଆରେ ୧୦ ଲକ୍ଷ ବ୍ୟୟ ଅଟକଳରେ ଏହି କାମ ଜାରି ରହିଛି। କାମଟି ପ୍ରକୃତରେ କେଲଡ଼ା ଉପର କଟା ନାମରେ ପ୍ରସ୍ତାବ ରହିଥିଲା। ହେଲେ ଏହାର ନାମ ପରିବର୍ତ୍ତନ କରାଯାଇ ଝାରକଟାର ଉନ୍ନତୀକରଣ କରାଯାଇଛି। ସେହିପରି ୨୦୧୭-୧୮ ଆର୍ଥିକବର୍ଷର କାମକୁ ୨୦୧୯-୨୦ ବର୍ଷରେ ଏବଂ ବର୍ଷା ଆଗମନ ଅର୍ଥାତ ଜୁନ ୧୫ ପରେ କରାଯାଉଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶେଷଦେବ ପାଣିଗ୍ରାହୀଙ୍କୁ ପଚାରିବାରୁ କହିଲେ, ରଜ ପାଇଁ ମାଟି ଖୋଳା ବନ୍ଦ ଥିଲା। ଏଣୁ ୧୬ ତାରିଖରୁ ଆରମ୍ଭ କରାଯାଇଛି। ପ୍ରକୃତରେ କାମଟି ୨୦୧୭ରୁ ୨୦୧୮ ମଧ୍ୟରେ କରିବାର ଥିଲା। କେତେକ ଅସୁବିଧା ଯୋଗୁ ହୋଇପାରି ନ ଥିଲା। ଏଣୁ ଏବେ କାମ ଆରମ୍ଭ କରାଯାଇଛି ବୋଲି ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



କେଲଡ଼ା ଗ୍ରାମ ପୋଖରୀ।

# ମୋବାଇଲ ଚୋରି, ଧରାପଡ଼ିଲେ ନାବାଳକ

ସମ୍ବଲପୁର,୧୮।୬(ବ୍ୟୁରୋ)

ମୋବାଇଲ ଚୋରି ଅଭିଯୋଗରେ ସମ୍ବଲପୁର ସଦରଥାନା ପୋଲିସ ଜଣେ ନାବାଳକଙ୍କୁ ଧରିଛି। ନାବାଳକ ଜଣକ ଝାଡ଼ଖଣ୍ଡର ବୋଲି ପୋଲିସ ଜାଣିବାକୁ ପାଇଛି। ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରି ରାଉରକେଲା ବାଳସୁଧାର ଗୃହ ପଠାଇ ଦିଆଯାଇଛି। ସୋମବାର ମାନେଶ୍ୱର ସାପ୍ତାହିକ ହାଟରେ ନାବାଳକ ଜଣକ ବଳରାମ ବେହେରାଙ୍କ ମୋବାଇଲ ଚୋରି କରି ପଳାଇ ଯାଉଥିଲେ। ଏହି ସମୟରେ ବଳରାମ ଓ ସ୍ଥାନୀୟ ଲୋକମାନେ ତାଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସହର ତଥା ଆଖପାଖ ଅଞ୍ଚଳକୁ ରାଜ୍ୟ ବାହାର ଲୁଟେରାମାନେ ଟାର୍ଗେଟ କରୁଛନ୍ତି। ଲୁଟେରା ଗ୍ୟାଙ୍ଗରେ ମହିଳା ତଥା ନାବାଳକମାନେ ମଧ୍ୟ ସମ୍ପୃକ୍ତ ରହୁଛନ୍ତି। ତେଣୁ ଏ ଦିଗରେ ଜନ ସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ସଦରଥାନା ଭାରପ୍ରାପ୍ତ ଅଧିକାରୀ ତାରାବତି ପ୍ରଧାନ କରିଛନ୍ତି।

# ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ବିକ୍ଷୋଭ

ସମ୍ବଲପୁର,୧୮।୬(ବ୍ୟୁରୋ)

ସମ୍ବଲପୁର ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟରତ କାଜୁଆଲ କର୍ମଚାରୀ ସଘଂ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ କର୍ମଚାରୀମାନେ ବିଏସ୍‌ଏନ୍‌ଏଲ୍ ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ମାସକ ଭିତରେ ବକେୟା ଦରମା ସହ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ସିଆଇଟିୟୁ ଜିଲା ସମ୍ପାଦକ ମହେଶ୍ୱର ଷଣ୍ଢ, ଦେବଗଡ଼ ଜିଲା ସମ୍ପାଦକ ଭଗତ ସିଂ, ବରଗଡ଼ ଜିଲାର ଯୋଗେନ୍ଦ୍ର ସାଗର, ପଦ୍ମପୁରର ବିଜୟ କୁମାର ଭୋଇ, ସମ୍ବଲପୁର ଜିଲାର ଏକାଦଶିଆ ମହାପାତ୍ର, ବେଲପାହାଡ଼ର ଲକ୍ଷ୍ମଣ ପ୍ରଧାନ, କୁଚିଣ୍ଡାର ଫଗୁନୁ ବାଗ, ରେଢ଼ାଖୋଲର ରଙ୍କନିଧି ଦେହୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଲକ୍ଷ୍ମୀଟକିଜ ଛକରୁ ଶୋଭାଯାତ୍ରା ବାହାରି ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟକୁ ଯାଇଥିଲା।




ସମ୍ବଲପୁର ବିଏସ୍‌ଏନ୍‌ଏଲ୍ କର୍ମଚାରୀ ଶୋଭାଯାତ୍ରାରେ ଯାଉଛନ୍ତି।

# ରେଢ଼ାଖୋଲ ସହରରେ ପଲିଥିନ ଚଢ଼ାଉ

ରେଢ଼ାଖୋଲ,୧୮।୬(ଡି.ଏନ୍.ଏ.)

ରେଢ଼ାଖୋଲ ସହରରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବେଆଇନ ପଲିଥିନ ବ୍ୟବହାରକାରୀ ଉପରେ ଚଢ଼ଉ କରାଯାଇ ୮୦ କିଲୋଗ୍ରାମ ପଲିଥିନ ଜବତ କରାଯିବା ସହ ୮ ହଜାର ୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ନୋଡାଲ ଅଧିକାରୀ ଜାହେଦ ପରବିନ ଓ ଏନ୍‌ଏସି କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ। ଅତିରିକ୍ତ ତହସିଲଦାର ଗୌରୀଶଙ୍କର ସାହୁ, ଡେପୁଟି କଲେକ୍ଟର ଆଦଲିନ ବାରା ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ପଲିଥିନ ବ୍ୟବହାର ନ କରିବାକୁ ସଭାସମିତି ଜରିଆରେ ସଚେତନ କରାଯାଉଥିଲେ ମଧ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି ଫଳରେ ବେଆଇନ ପଲିଥିନ୍ ବ୍ୟବହାର ଉପରେ ଲୋକ୍ ଲଗାଯାଇ ପାରୁନାହିଁ। ନିୟମିତ ଭାବେ ପ୍ରଶାସନ ଚଢ଼ାଉ କଲେ ଏହାକୁ ରୋକାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବିନା କାମ୍‌ରେ ସୂଚନା ଫଳକ

କୁଚିଣ୍ଡା, ୧୮।୬ (ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଗୋଛରା ପଁଚେତ୍ ଅଧୀନ ଲଇଗୁରା ଗାଁର ପାଏନ୍ ଖିଆ ବଁଧର ଉନ୍‌ନତିକରନ କାମ୍ ୪ ଲାଖ୍ ଟଁକା ଖରଚ ଅଟକଲରେ କରାଯାଉଛେ। ଇଆଡ଼େ ସରକାରୀ ନିୟମକେ ଦେଖିଲେ ଜୁନ ୧୫ ଉତାରୁ ମାଟି କାମ୍ ନାଇଁ ହେବାର କଥା। ହେଲେ ଟଁକା ଖାଏବାର ଉଦେଶ୍‌ରେ ଇ କାମ୍ ଚାଲୁଥିବାର ଅଂଚଲରେ ଏହେଦେ ଚରଚାର ବିଷେ ହେଇଛେ। ଇ କାମ୍‌କେ ନେଇ ଗାଁବାସୀକର ଭିତରେ ବି ଅସନ୍‌ତୋଷ ଦେଖାଦେଇଛେ। ବଁଧର ଉନ୍‌ନତିକରନ ନାଁରେ ଜେସିବିରେ ମାଟି କୁଡ଼ି ଟ୍ରାକ୍ଟରରେ ଇନେ ସେନେ ପକାଯାଇଛେ। ସେନ୍‌ତା ବଁଧେ ଗାଧୁଆ ଘାଟ ତିଆରି କରାଯାଇଥିବାର ନେଇ ପଁଚେତ୍ ତରଫୁ ୨୦୧୬-୧୭ ଆରଥିକ ବଛର୍‌ର ଦୁଇଟା ସୂଚନା ଫଳକ ଲଗାଯାଇଛେ। ଗୁଟେ ସୂଚନା ଫଳକ୍‌ରେ ଅଟକଲ ଖରଚ୍ ୧ ଲାଖ୍ ୩୪ ହଜାର ଟଁକା ରହିଥିଲାବେଲେ ଆରଗୁଟେରେ ୨ ଲାଖ୍ ୯୩ ହଜାର ଟଁକା ରହିଛେ। ହେଲେ ଆଶିରିଯ୍‌ର କଥା ୨୦୧୯-୨୦ ଆରଥିକ୍ ବଛର ତକ୍ ବଁଧେ ଗାଧୁଆ ଘାଟର ଦେଖା ନାଇଁନ। ସେନ୍‌ତା ୨୦୧୭-୧୮ ଆରଥିକ୍ ବଛରରେ ଇ ବଁଧର ଉନ୍‌ନତିକରନ୍ ଲାଗି ୪ ଲାଖ୍ ଟଁକାର ଖରଚ୍ ଅଟକଲର ଗୁଟେ ସୂଚନା ଫଳକ ରହିଛେ। ପରକୁତରେ ଯେନ୍ ଜାଗାରେ ମାଟି କୁଡ଼ଲେ ପାଏନ୍‌ଟା ରହିପାରବା ସେ ଜାଗାରେ ନାଇଁ କୁଡ଼ାଯାଇ। ବଁଧ ଭିତରର ବହୁତ ଜାଗାର ମାଟିକେ ଜେସିବିରେ ସମାନ କରାଯାଇଥିବାର ଦେଖିବାକେ ମିଲୁଛେ। ଦେଖିବାକେ ଗଲେ ଇ ସବୁ କାମ୍ ବରଷା ଆଏବାର ଆଗରୁ ଜୁନ ୧୫ ଭିତରେ ସରବାର କଥା। ହେଲେ ଏହେଦେ ଇ କାମ୍ ଟଁକା ଖାଏବାର ଲାଗି କି ଅଲଗ୍ କେନ୍ ଉଦେଶରେ କରାଯାଉଛେ ବଲି ଗାଁବାସୀ ପ୍ରଶ୍ନ କରିଛନ୍। ଇ ବାବ୍‌ଦେ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ସାଙ୍କୁ ପଚରାଲାରୁ ଗଲା ୨୦୧୬-୧୭ ଆରଥିକ ବଛର୍‌ରେ କାମ୍ ହେବାର ଥିଲା। କେତେଟା ଅସବିଧାର ଲାଗି କାମ୍ ନାଇଁ ହେଇପାରି, ଇଥର କାମ୍ ଆରମ୍ କରାଯାଇଛେ। ଯେତେ ମାଟି କାମ୍ ହେଇଛେ ସେତ୍‌କି ଟଁକାର ବିଲ କରାଯିବା ବଲି ସେ କହିଥିଲେ।






ଲଇଗୁରା ଗାଁର ପାଏନ୍ ଖିଆ ବଁଧେ ଲାଗିଥିବାର ଦୁଇଟା ସୂଚନା ଫଳକ।

# ବୃକ୍ଷରୋପଣ କରିବାକୁ ଭାଜପାର ଦାବି

ସମ୍ବଲପୁର,୧୮।୬(ବ୍ୟୁରୋ)

ସମ୍ବଲପୁର ମହାନଗର ଅଞ୍ଚଳରେ ଥିବା ସରକାରୀ ଜମିରେ ବୃକ୍ଷରୋପଣ କରି ପରିବେଶକୁ ସୁରକ୍ଷା ଦିଆଯାଉ। ପ୍ରଚଣ୍ଡ ଖରା ଓ ବର୍ଷାର ଅନିୟମିତତାକୁ ରୋକାଯାଉ ବୋଲି ଭାଜପା କର୍ମକର୍ତ୍ତା ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଦାବି କରିଛନ୍ତି। ମହାନଗର ନିଗମ ଅଧୀନରେ ହିଣ୍ଡାଲକୋ ଭଳି ବଡ଼ କମ୍ପାନୀ ରହିଛି। ଏହାଦ୍ୱାରା ପ୍ରଦୂଷଣ ବଢୁଛି। ହେଲେ କମ୍ପାନୀ ବୃକ୍ଷରୋପଣ କରୁନାହିଁ। ପ୍ରତିଦିନ କମ୍ପାନୀକୁ ହଜାର ହଜାର ଗାଡ଼ି ଯିବାଆସିବା କରୁଛି। ସମ୍ବଲପୁରରେ ସିଡିପି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ତେଣୁ ମହାନଗର ନିଗମର ୩୩ ପ୍ରତିଶତ ଅଞ୍ଚଳକୁ ଗ୍ରିନ ଜୋନ ରୂପେ ଘୋଷଣା କରାଯାଉ। ବିଶେଷକରି ଚାଆଁରପୁର ପାଖରେ ନଦୀ ଓ ପାୱାର ଚ୍ୟାନେଲ ମଝି ଅଞ୍ଚଳରେ ଗ୍ରୀନ ଜୋନ୍ ଘୋଷଣା କରାଯାଉ। ମହାନଦୀ କୂଳ ଓ ମହାନଗର ନିଗମରେ ସାମିଲ ହୋଇଥିବା ୧୨ ୱାର୍ଡର ସରକାରୀ ଜମିରେ ବୃକ୍ଷରୋପଣ କରାଯାଉ। ପ୍ରତି ୱାର୍ଡରେ ପ୍ରାୟ ୫ ଏକର ଜମିରେ ଗଛ ଲଗାଯାଉ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ, ମିଡିଆ ପ୍ରଭାରୀ ମାନସ ବକ୍ସି, ଶ୍ରୀକାନ୍ତ ପାଣିଗ୍ରାହୀ, ସରୋଜ କୁମାର ସାହୁ, ଡ. ପ୍ରଭାସ ଦେବତା, ସୁଧୀର ବହିଦାର, ଦେଓ କିରଣ ବହିଦାର, ରଞ୍ଜିତ କୁମାର ରଥ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଏହି ଦାବି କରିଥିଲେ।

COMMERCIAL SPACE FOR SALE
CITY HEART, LAXMISAGAR, CUTTACK ROAD

21000 Sq/ft Available for Office, Banking, Hotel, Hospital and Institutions with Ample Parking Space



Please Contact: 8339929752
9338790505 , 9437311016


# ଲଜ୍‌ରୁ ବନ କର୍ମଚାରୀଙ୍କ ମୃତଦେହ ଉଦ୍ଧାର

ବଲାଙ୍ଗୀର ଅଫିସ,୧୮।୬

ବଲାଙ୍ଗୀର ସହରର ସରକାରୀ ବସ୍‌ଷ୍ଟାଣ୍ଡ ନିକଟ ଏକ ଲଜରୁ ମଙ୍ଗଳବାର ଜଣେ ବନ କର୍ମଚାରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଗୋକୁଳାନନ୍ଦ ଭୋଇ (୪୧)। ସେ ବୌଦ୍ଧ ଜିଲାରେ ବନ କର୍ମଚାରୀ ଭାବେ କାର୍ଯ୍ୟାରତ ଥିଲେ । ତାଙ୍କ ମୂଳ ଘର ବରଗଡ ଜିଲା ପଦ୍ମପୁର ଥାନାର କଁସର ଗାଁରେ। ଗତ ୭ ତାରିଖଠାରୁ ଗୋକୁଳାନନ୍ଦ ବଲାଙ୍ଗୀରର ଏହି ଲଜ୍‌ର ୫ ନମ୍ବର କୋଠରୀରେ ରହି ଆସୁଥିଲେ। ଗତ ରବିବାର ପର୍ଯ୍ୟନ୍ତ ଗୋକୁଳାନନ୍ଦ ଯିବା ଆସିବା କରୁଥିଲେ । ତେବେ ସୋମବାର ସକାଳୁ କୋଠରୀ ଖୋଲି ନ ଥିଲେ। ମଙ୍ଗଳବାର ସେହି କୋଠରୀରୁ ଦୁର୍ଗନ୍ଧ ବାହାରିବାରୁ ଲଜ୍ କର୍ମଚାରୀମାନେ କୋଠରୀ କବାଟ ବାଡେଇଥିଲେ। ତେବେ ଏହା ଭିତର ପଟରୁ ବନ୍ଦ ହୋଇଥିବା ଦେଖି ଲଜ୍ ପକ୍ଷରୁ ଟାଉନ୍ ଥାନାକୁ ଖବର ଦିଆଯାଇଥିଲା । ପୋଲିସ ପହଞ୍ଚିବା ପରେ କବାଟ ଭଙ୍ଗା ଯାଇଥିଲା। ଶଯ୍ୟା ଉପରେ ଗୋକୁଳାନନ୍ଦଙ୍କ ମୃତଦେହ ପଡିଥିଲା। ମୃତଦେହକୁ ଜବତ କରି ପୋଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ରୁମ୍‌ରୁ ମିଳିଥିବା ଆଧାର କାର୍ଡରୁ ତାଙ୍କ ପରିଚୟ ମିଳିଥିଲା । ଏହାପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକେ ଆସିବା ପରେ ବ୍ୟବଚ୍ଛେଦ କରାଯାଇ ସେମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। କିଛିଦିନ ହେଲା ଗୋକୁଳାନନ୍ଦ ଅସୁସ୍ଥ ଥିଲେ ବୋଲି ଜଣାପଡିଛି। ଏହି ଅସୁସ୍ଥତା ହେତୁ ହୁଏତ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।


ADMISSION GUIDANCE FOR 2019-20
NIIS INSTITUTE OF INFORMATION SCIENCE & MANAGEMENT
Permitted by Govt. of Odisha & Affiliated to Utkal University

BBA | BCA
B.Sc. (ITM) | B.Sc. (Biotech) | B.Sc. (Comp.Sc.)
B.A.(Hons) (Economics, English, Pol. Sc., Psychology & Sociology)
B.Sc.(Hons) (Physics, Chemistry, Maths, Zoology, Botany)
B.Com.(Hons) (Accounting & Management)

SPECIAL FEATURES
- Expert & Experienced Faculty members
- E-Library with DELNET
- Separate Furnished Hostel both Boys & Girls
- Flexible Fees Structure & Employability Training
- Scholarship for SC & ST Students

For more details: SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984
NIIS also offers : MBA, MCA, M.Com.(F&C), MPMIR, MSW & M.Sc. (Comp.Sc.)


# ପ୍ଲାଷ୍ଟିକ୍ ବର୍ଜନ ପାଇଁ ସଚେତନତା ରାଲି



ସୁବର୍ଣ୍ଣପୁର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ସଚେତନତା ରାଲି ।

ସୋନପୁର,୧୮।୬(ନି.ପ୍ର.)

ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ପ୍ଲାଷ୍ଟିକ୍ ବର୍ଜନ ପାଇଁ ସହରରେ ସଚେତନତା ରାଲି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ସହର ପରିକ୍ରମା କରିଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହରବାସୀଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ନକରିବା ପାଇଁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ୍ ବ୍ୟବହାର କଲେ ପରିଷଦ ପକ୍ଷରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଏଥିରେ ପରିଷଦର ନୋଡାଲ ଅଧିକାରୀ ଚନ୍ଦ୍ରଶେଖର ନାଏକ, ପରିମଳ ବିଶେଷଜ୍ଞ ହରିହର ଭୋଇ, ପରିମଳ ନିରୀକ୍ଷକ ଶିବନାରାୟଣ ପଟ୍ଟନାୟକ, ଜାତୀୟ ସହରୀ ବିକାଶ ମିଶନର ଜଗନ୍ନାଥ ମିଶ୍ର, ମନୋରଞ୍ଜନ କର, ସମସ୍ତ କର୍ମଚାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ।

■ରିଜର୍ଭ ପ୍ରିମିୟର ଲିଗ୍

# ଆଦ୍ୟାଶ୍ରୀ ଷ୍ଟ୍ରାଇକର, ମାନ୍‌ଭି ବ୍ଲାଷ୍ଟର ବିଜୟୀ

ସୋନପୁର,୧୮।୬(ନି.ପ୍ର.)

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ରିଜର୍ଭ ପ୍ରିମିୟର ଲିଗ୍(ଆରପିଏଲ-୪)ରେ ମଙ୍ଗଳବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ମାନ୍‌ଭି ବ୍ଲାଷ୍ଟର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ଖୁସି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୁସି ଫାଇଟର ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ସନତ ପାତ୍ରଙ୍କ ୧୫ ବଲରୁ ୨୬ ରନ ସହାୟତାରେ ଦଳ ୧୦ ଓଭର ଖେଳି ୫ ଉଇକେଟ ବିନିମୟରେ ୮୭ ରନ ସଂଗ୍ରହ କରିଥିଲା। ଆକାଶ ସାହୁ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଆଦ୍ୟାଶ୍ରୀ ଦଳ ୮୮ରନ୍‌ର ବିଜୟ ଲକ୍ଷ୍ୟକୁ ୯.୫ ଓଭରରେ ବର୍ଣ୍ଣି ବାଘଙ୍କ ୩୪ ରନର ସହାୟତାରେ ହାସଲ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍ ପୱନ ହିରୋଜ୍ ଓ ମାନ୍‌ଭି ବ୍ଲାଷ୍ଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାନ୍‌ଭି ବ୍ଲାଷ୍ଟର ଅନୀଲ ମଲ୍ଲିକଙ୍କ ୩୬ ରନ ଓ ଶୁଭେନ୍ଦୁ ଥାଟିଙ୍କ ୧୮ ରନ ସହାୟତାରେ ୧୦ଓଭରରେ ୯୨ ରନ ସଂଗ୍ରହ କରିଥିଲା। ପୱନ ହିରୋଜ୍ ୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୦ ଓଭରରେ ୮ ଉଇକେଟ୍ ହରାଇ ୬୯ ରନ କରିବାକୁ ସକ୍ଷମ ହୋଇଥିଲା। ମାନ୍‌ଭି ବ୍ଲାଷ୍ଟରର ବୁନୁ ଜଗଦଲା ୧୦ ରନ ଦେଇ ୬ଟି ମୂଲ୍ୟବାନ ଉଇକେଟ୍ ଅକ୍ତିଆର କରିଥିଲେ। ପ୍ରଥମ ମ୍ୟାଚ୍‌ର ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଆଦ୍ୟାଶ୍ରୀ ଷ୍ଟ୍ରାଇକରର ବର୍ଣ୍ଣି ବାଘ ଓ ଦ୍ୱିତୀୟ ମ୍ୟାଚ୍‌ର ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ମାନ୍‌ଭି ବ୍ଲାଷ୍ଟରର ବୁନୁ ଜଗଦଲାଙ୍କୁ ପ୍ରଦାନ କରାଯାଇଥିଲା। ରିଜର୍ଭ ଇନ୍ସପେକ୍ଟର ଅମରେନ୍ଦ୍ର ପାଣିଗ୍ରାହୀ ଓ ସର୍ଜେଣ୍ଟ ବିଶ୍ୱନାଥ ଜେନା ଅତିଥି ଭାବେ ଯୋଗଦେଇଥିଲେ। ସୁଶାନ୍ତ ମିଶ୍ର ଓ କୁନା ନାୟକ ଖେଳ ପରିଚାଳନା କରିଥିଲେ। ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଦୀନେଶ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଅଜୁ ମେଣ୍ଡଲି, ଆଲୋକ ପଣ୍ଡା, ଜ୍ୟୋତିରଞ୍ଜନ ମିଶ୍ର ସହଯୋଗ କରିଥିଲେ।



ମାନ୍‌ଭି ବ୍ଲାଷ୍ଟରର ବୁନୁ ଜଗଦଲାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।





Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ



ପିତାମାତା ସାନ ହୋଇଛନ୍ତି ବୋଲି ଯେ ସନ୍ତାନଟି ବଡ଼ ହେବ ନାହିଁ, ଏଭଳି ଭାବିବାରେ କୌଣସି କାରଣ ନାହିଁ।

- ହୋରେସ୍

# ୨୭୪୦୦ ହେକ୍ଟର ଜମିରେ ଖରିଫ ଫସଲ ଲକ୍ଷ୍ୟ ଧାର୍ଯ୍ୟ

**■ ଓଡ଼ିଶା ମାଣ୍ଡିଆ ମିଶନ ପକ୍ଷରୁ ୨୦୦ ହେକ୍ଟରରେ ହେବ ଚାଷ ■ ବିନା ସାର, ଔଷଧରେ ୧୫୦ ଏକରରେ ହେବ ଫସଲ**

ବିଜେପୁର,୧୮।୬(ଡି.ଏନ.ଏ.)

ବରଗଡ଼ ଜିଲା ବିଜେପୁର ବ୍ଲକରେ ଚଳିତ ବର୍ଷ ୨୭୪୦୦ ହେକ୍ଟର ଜମିରେ ଖରିଫ ଫସଲ ହେବ ବୋଲି ସ୍ଥାନୀୟ କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିରେ ୧୯୬୫୧ ହେକ୍ଟରରେ ଧାନ ଓ ୭୭୪୯ ହେକ୍ଟର ଜମିରେ ଅଣଧାନ ଫସଲ ହେବ ବୋଲି ସ୍ଥିତ ହୋଇଛି। ମରୁଡି ପ୍ରପୀଡିତ ପଦ୍ମପୁର ଉପଖଣ୍ଡ ଅଧୀନ ଏହି ବ୍ଲକର ୧୧୦ ରାଜସ୍ୱ ଗ୍ରାମରୁ ବଡବ୍ରାହ୍ମଣୀ ରାଜସ୍ୱ ସର୍କଲର ମାତ୍ର ୧୦ଟି ରାଜସ୍ୱ ଗ୍ରାମକୁ ହୀରାକୁଦ କମାଣ୍ଡ ଅଞ୍ଚଳର ପାଣି ଜଳସେଚିତ ହୋଇଥାଏ। ଏହା ବ୍ୟତୀତ ବିଜେପୁର ଦାମୋଦର କଟା, କେଉଁଟପାଲି, ବଡବାଉଁଶେନ, ଯୋଖିପାଲି, ବାନ୍ଧୁପାଲିର ଦାଦରକଟା ପ୍ରମୁଖ ପଦ୍ମପୁର କ୍ଷୁଦ୍ରଜଳସେଚନ ବିଭାଗ ଅନ୍ତର୍ଗତ ୭ଟି ଜଳାଶୟ ରହିଛି। ରାଞ୍ଚି ଓ ଉତ୍ତାନୀ ନଦୀରେ ରହିଥିବା ଉଠାଜଳସେଚନ ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହେଉଛି । ହେଲେ ନିଜସ୍ୱ ଉଦ୍ୟମରେ କିଛି ସ୍ଥାନରେ ଚାଷୀମାନେ ଗଭିର ନଳକୂପ ଖନନ କରିଛନ୍ତି । ହେଲେ ୮୦ ପ୍ରତିଶତ ଚାଷୀ ବର୍ଷା ଜଳ ଉପରେ ନିର୍ଭରଶୀଳ । ଚଳିତ ବର୍ଷ ମୌସୁମୀ ବିଳମ୍ବିତ ହୋଇଛି । କିନ୍ତୁ ଏଥର ଭଲ ବର୍ଷାହେବ ବୋଲି ଚାଷୀମାନେ ଆଶା ବାନ୍ଧିଛି । ଅନ୍ୟପକ୍ଷେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଯୋଗୁ ଚାଷୀ ଜମିକୁ ହଳକରି ପ୍ରସ୍ତୁତ ରଖିଛି । ଗତ ଶନିବାର ଓ ରବିବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁ ସାମାନ୍ୟ ବର୍ଷା ହୋଇଥିଲା । ସୋମବାର ମେଘୁଆ ପାଗ ରହିଥିଲା। ଫଳରେ ଚାଷୀ ଜମିରେ ଧାନ, ଚିନାବାଦାମ ମଞ୍ଜି ବୁଣୁଥିବା ଦେଖିବାକୁ ମିଳିଥିଲା । ଅନୁରୂପ ଭାବେ ମଙ୍ଗଳବାର ପାଗ ଶୁଖିଲା ଥିଲେ ମଧ୍ୟ ଚାଷୀ ଧାନ, ମୁଗ, ବାଦାମ ବୁଣୁଥିବା ଦେଖିବାକୁ ମିଳିଥିଲା। ୧୭୫୫ ହେକ୍ଟର ତୈଳବୀଜ, ୨୨୧୦ ହେକ୍ଟର ଡାଲି ଜାତୀୟ ଫସଲ, ୩୩୫୪ ହେକ୍ଟର ପନିପରିବା, ୫୦ ହେକ୍ଟର ଅଦା, ହଳଦୀ ଆଦି ମସଲାଯୁକ୍ତ ଫସଲ, ୫୫ ହେକ୍ଟର ଆଖୁ, ୩୨୫ ହେକ୍ଟର ମକା, ବାଜରା ଓ ମାଣ୍ଡିଆ ଫସଲ ହେବ । ଚଳିତ ବର୍ଷ ପ୍ରଥମ କରି ଓଡ଼ିଶା ମାଣ୍ଡିଆ ମିଶନ ଆନୁକୂଲ୍ୟରେ ବ୍ଲକରେ ୨୦୦ ହେକ୍ଟରରେ ମାଣ୍ଡିଆ, ବାଜରା, କୁଦୋଗୁନଚି ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ପରମ୍ପରାଗତ କୃଷି ବିକାଶ ଯୋଜନା ପକ୍ଷରୁ ୫୦ ଏକର ବିଶିଷ୍ଟ ୩ଟି ପେଚରେ ଧାନ ଓ ଅଣଧାନ ଫସଲ ବିନା ସାର ଓ ଔଷଧରେ ଉତ୍ପାଦନ କରାଯିବ। ଭୁତିବାହାଲ ବେଶରକାରୀ ସଂସ୍ଥା ଅହିଂସା କ୍ଲବ ଏହାକୁ ପରିଚାଳନା କରିବାରେ ସହଯୋଗ କରିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାଁକେଲଡିହିର ଚାଷୀ ଦୀନବନ୍ଧୁ ସାହୁ କହିଛନ୍ତି, ପାଗ ଅନୁକୂଳ ରହିଥିବାରୁ ୮ ଏକର ଜମିରୁ ୧ ଏକର ଜମିରେ ଧାନ ବୁଣିଛି । ହେଲେ ମଙ୍ଗଳବାରର ଖରାତାତି ଦେଖି ମନ ଟିକିଏ ଦବି ଯାଇଛି । ତେଣୁ ଭଲ ବର୍ଷା ହେଲେ ଧାନ ବୁଣା ଆରମ୍ଭ କରିବି । ଚାଷ ପାଇଁ ଜମିକୁ ହଳ କରି ପ୍ରସ୍ତୁତ କରିବାରେ କାଳବୈଶାଖୀ ବର୍ଷା ବେଶ ସହାୟକ ହୋଇଥିଲା। ଏନେଇ ବ୍ଲକ ସହକାରୀ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲଙ୍କୁ ପଚାରିବାରୁ ଗତ ୩ରୁ ୪ ବର୍ଷ ହେଲା ଅଞ୍ଚଳରେ ବର୍ଷା ଭାବ ଲାଗି ରହିଥିବାରୁ କମଦିନିଆ ଧାନ ଚାଷ କରିବାକୁ ଚାଷୀଙ୍କୁ ପ୍ରସ୍ତାବ ଦେଉଛୁ। ଅନ୍ୟପକ୍ଷେ ଡିପ ଜମିରେ ବର୍ଷା ପାଣିର ଅଭାବ ଯୋଗୁ ଧାନ ପରିବର୍ତ୍ତେ ଅଣଧାନ ଫସଲ କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦେବାକୁ ବେସରକାରୀ ସଂସ୍ଥା ଏବଂ କୃଷି କର୍ମଚାରୀଙ୍କୁ ଦାୟିତ୍ୱ ଦେଇଛୁ । ଜୁଲାଇ ୩୧ ସୁଦ୍ଧା ଚାଷୀ ଓ ଅଣଚାଷୀଙ୍କୁ ଫସଲ ବୀମା କରିବାକୁ ସଚେତନ କରାଯାଉଥିବା କୃଷି ଅଧିକାରୀ ପଟେଲ କହିଛନ୍ତି।



ବିଜେପୁର ଅଞ୍ଚଳରେ ଜଣେ ଚାଷୀ ହଳ କରି ଜମିକୁ ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### ଯାଦବ ସମାଜର ବୈଠକ

ଜାମଟିକ୍ରା,୧୮।୬(ଡି.ଏନ.ଏ.)

ସ୍ଥାନୀୟ ବାବା ମଠରେ ଅତାବିରା ବ୍ଲକ ଯାଦବ ସମାଜ କାର୍ଯ୍ୟକାରୀ କମିଟି ପକ୍ଷରୁ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସଭାପତି ଅର୍ଜୁନ ଦୀପ ସଭାପତିତ୍ୱ କରିଥିଲେ । ଅତାବିରା ଏନ୍‌ଏସିସ୍ତରୀୟ ଯାଦବ ସଭାପତି ଦଶରଥ ବାଗ ବୈଠକର ଆଭିମୁଖ୍ୟ ଉପରେ ଅବଗତ କରାଇଥିଲେ। ଏପରି କି ବୈଠକରେ ଅତାବିରା ଅଞ୍ଚଳରେ ସମାଜ ପକ୍ଷରୁ ଏକ ଯାଦବ ଭବନ ଏବଂ ରାଧାକୃଷ୍ଣ ମନ୍ଦିର ନିର୍ମାଣ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ଗୋକୁଳ ଚିରର୍ଗୁଣ, ଚମାର ମାଝି, ଦିଲୀପ ସାହୁ, ଦୁଃଖବନ୍ଧୁ ରାଉତ, ମୋହନ କଠାର, ଦୀପ୍ତି ବାଗ, ସୁରେନ୍ଦ୍ର କଠାରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସମାଜ ପକ୍ଷରୁ ପରବର୍ତ୍ତୀ ଏକ ବୈଠକ ରବିବାର ସ୍ଥିର କରାଯାଇଛି।

### ଶିକ୍ଷକ ତାଲିମ ଶିବିର

ଜାମଟିକ୍ରା, ୧୮।୬ (ଡି.ଏନ.ଏ.)

ଅତାବିରା ଏନ୍‌ଏସି ଅଧୀନ ସିଦ୍ଧି ବିନାୟକ ସ୍କୁଲରେ ନିର୍ଦ୍ଦେଶକ ବିଦ୍ୟୁତ୍ ଦାସଙ୍କ ଅଧକ୍ଷତାରେ ସୋମବାର ଶିକ୍ଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କୋମଳମତି ଶିଶୁମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷାଦାନ ଦିଆଯାଇ ପାରିବ ସେନେଇ ଶିକ୍ଷକମାନଙ୍କୁ ତାଲିମ ଦିଆଯାଇଥିଲା । ଏଥିରେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତାସ୍ଥିତ ଗୋଡେନ୍ୟା ଏକାଡେମୀ, ବରଗଡ଼ର ଜିଡି ଭାରତୀ ଏବଂ ସିଦ୍ଧି ବିନାୟକ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ। କିଶୋର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।



### ବଏସ୍ ୭୦: ଭତାର ଲାଗି ଫର୍ମ ଭରି ନିହାଲ

ଅତାବିରା, ୧୮।୬ (ଡି.ଏନ.ଏ):

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗାଁନୁ ସହର ତକ୍ ବାସ କରୁଥିବାର ବୁଢ଼ାବୁଢ଼ି, ବିଧବା, ଛାର୍‌ରି, ଦିବ୍ୟାଙ୍ଗମାନକୁ ଇନ୍ଦିରା ଗାନ୍ଧୀ, ବଧୁବାବୁ ପେନସନ ଯୋଜନାରେ ଭତା ଯୁଗେଇ ଦେଉଛନ୍। ହେଲେ କେତେ ଜାଗାରେ ଅଧିକାରୀ, କରମ୍‌ଚାରୀକର ଦାଇତିଅହୀନତାର ଲାଗି ଅନେକ୍ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଘଟନାର ଜିଁତା ଜାଗ୍‌ତା ଉଦାହରନ୍ ହେଉଛନ୍ ବରଗଡ଼ ଜିଲା ଭେଡ଼େନ ବ୍ଲକ ଡାଲବ ପଁଚେତ୍‌ର ବାନିପାଲି କନ୍ଧପଡ଼ାର ସୁକାନ୍ତୀ ମାଝି(୭୦)। ସୂଚନା ଅନ୍‌ସାରେ କନ୍ଧପଡ଼ାର ବୁରୁଧ ବିଧବା ସୁକାନ୍ତୀ ମାଝିଙ୍କର ବଏସ୍ କେଭୁ ୬୦ ଟପିଯାଇଛେ। ହେଲେ ସେ ବୁଢ଼ାବୁଢ଼ି ଭତାରୁ ବଁଚିତ୍ ହେଇ ରହିଛନ୍। ଇଆଡ଼େ ଆପ୍‌ନେ ଅନେକ ବଛର ହେଲା ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି ସୁକାନ୍ତୀ ନିସାହା ଜୀବନ୍ ବିତଉଛନ୍। ଇ ବାବ୍‌ଦେ ସୁକାନ୍ତୀକୁଁ ପଚରାଲାରୁ ଅନେକ ଥର ଭତାର ଲାଗି ଫର୍ମ ଭରି ପଁଚେତ୍‌ରେ ଦେଇଛେଁ ହେଲେ ଆଏଜ୍‌ତକ ଭତା ନୁହେମିଲେ ବିଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ଡାଲବ ସରପଁଚ୍ ଶୈଳେଶ୍ରୀ ଡନସନାକୁଁ ପଚରାଲରୁ ଦରକାରୀ କାଗଜପତର ଦେଲେ ବିଧବା ଭତା ଯୁଗେଇ ଦେବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

## ଅଂଶୁଘାତରେ ଶ୍ରମିକ ମୃତ

ବରଗଡ଼ ଅଫିସ୍,୧୮।୬

ବରଗଡ଼ ରେଲୱେ ଷ୍ଟେଶନପଡ଼ାର ଶ୍ରମିକ ସୁବାସ ନାଗ(୪୨)ଙ୍କ ମଙ୍ଗଳବାର ଅଂଶୁଘାତଜନିତ ମୃତ୍ୟୁ ଘଟିଥିବା ପିରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୁବାସ ଏକ ଘରୋଇ ହସ୍ପିଟାଲରେ ରଙ୍ଗ କାମ କରୁଥିଲେ । ଏହି ସମୟରେ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରସ୍ତୁତି

ବରଗଡ଼ ଅଫିସ୍,୧୮।୬

ବରଗଡ଼ ଶିକ୍ଷାଜିଲା ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୧ତାରିଖ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯିବ । ଏନେଇ ମଙ୍ଗଳବାର ସରକାରୀ ବାଳିକା ହାଇସ୍କୁଲ ପରିସରରେ ଏକ ବୈଠକ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନଶିକ୍ଷକ ଜ୍ୟୋତିକାନ୍ତ ସାହୁ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକ, ବିଜ୍ଞାନ ନିରୀକ୍ଷକ ଡ. ମନୋଜ ସାହୁ ଯୋଗ ଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ପୋଲିସ ଜାଲରେ ଆନ୍ତଃରାଜ୍ୟ ଠକ ଦଳ

ବରଗଡ଼ ଅଫିସ୍,୧୮।୬

ବରଗଡ଼ ଟାଉନ ଥାନା ପୋଲିସ ଜାଲରେ ଏକ ଆନ୍ତଃରାଜ୍ୟ ଠକ ଦଳ ଧରାପଡ଼ିଥିବା ସୂଚନା ମିଳିଛି । ସ୍ଥାନୀୟ ଜିଲା ଶିଳ୍ପ କେନ୍ଦ୍ରକୁ ଆସି ମଙ୍ଗଳବାର ଦିନ ଦ୍ୱିପ୍ରହରରେ ସମ୍ପୃକ୍ତ ଠକ ଦଳ ଉକ୍ତ କେନ୍ଦ୍ରର ସାଧାରଣ ପରିଚାଳକ ମନୋଜ କୁମାର ଶତପଥୀଙ୍କୁ ବନ୍ଧୁକ ମୁନରେ ଟଙ୍କା ଦାବି କରୁଥିଲେ। ହେଲେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ପହଞ୍ଚି ଠକ ଦଳର ୬ ଜଣଙ୍କୁ ଧରିବା ସହ ସେମାନେ ବ୍ୟବହାର କରୁଥିବା ଏକ ଚାରି ଚକିଆ ଗାଡ଼ିକୁ ଧରିବାରେ ସକ୍ଷମ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ହେଲେ ପୋଲିସ ସେ ନେଇ କିଛି ସୂଚନା ଦେଇ ନାହିଁ । ଏ ସମ୍ପର୍କରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀଙ୍କୁ ପଚାରିବାରୁ ତଦନ୍ତରେ ବାଧାପ୍ରାପ୍ତ ହେବା ଆଶଙ୍କା କରି କୌଣସି ସୂଚନା ଦେବାକୁ ମନା କରି ଦେଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ୧୧ତାରିଖ ପ୍ରଥମେ ସମ୍ପୃକ୍ତ ଠକ ଦଳ ଜିଲା ଶିଳ୍ପ କେନ୍ଦ୍ରକୁ ଆସିଥିଲେ। ସେତେବେଳେ ଏକ ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ପାଇଁ କୁଆଡ଼େ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଶତପଥୀଙ୍କ ସହିତ କଥାବାର୍ତ୍ତା ହୋଇଥିଲେ । ଏପରିକି ସେହି ସମୟରେ ଅଭିଯୁକ୍ତମାନେ ସେଥିପାଇଁ ତାଙ୍କୁ କିଛି ଅର୍ଥ ମଧ୍ୟ ମୌଖିକଭାବେ ଯାଚିଥିଲେ। ହେଲେ ସେହିଦିନର କଥାବାର୍ତ୍ତାକୁ ଠକ ଦଳ କୌଣସି ଉପରେ ରେକର୍ଡିଂ କରି ଦେଇଥିଲେ । ସେହି ରେକର୍ଡିଂ ଜରିଆରେ ପରବର୍ତ୍ତୀ ସମୟରେ ଶତପଥୀଙ୍କୁ ବ୍ଲାକମେଲିଂ କରି ୨ରୁ ୩ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ହେଲେ ସେ ଟଙ୍କା ଦେଇ ନ ଥିଲେ। ପରେ ସେ ଛୁଟିରେ ଘରକୁ ଯାଇଥିଲେ । ତେବେ ଶତପଥୀ ଛୁଟିରୁ ଫେରିବା ପରେ ମଙ୍ଗଳବାର ଅଫିସକୁ ଆସିଥିଲେ । ସେ ଅଫିସ ଭିତରେ ନିଜ ଚ୍ୟାମ୍ବରରେ ଥିବା ବେଳେ ଯୁବକମାନେ ବନ୍ଧୁକ ମୁନରେ ଟଙ୍କା ଦାବି କରିଥିଲେ। ହେଲେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ପହଞ୍ଚି ଗୋଡ଼ାଇ ୬ଜଣ ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଥିବା ଜଣାପଡିଛି। ଧରାପଡ଼ିଥିବା ଠକ ଦଳ ଜିଲା ବାହାର କେତେକ ସ୍ଥାନରେ ଏଭଳି ଉପାୟରେ ଠକିଥିବା ଯୋଗୁ ପୋଲିସ ଏନେଇ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

## ଡମ୍ଫରତଳେ ଚାପି ହୋଇ ବାଇକ୍ ଆରୋହୀ ମୃତ

ବରଗଡ଼ ଅଫିସ୍,୧୮।୬

ବରଗଡ଼ ସହର ଭଟଲି-ବାନ୍ଧୁଟିକ୍ରା ଛକ ମଝିରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଡମ୍ଫର ତଳେ ଚାପିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ସେ ହେଲେ ସ୍ଥାନୀୟ ୱାର୍ଡ଼ ନଂ-୧ର ନରସିଂହ ନାଗ ବୋଲି ଜଣାପଡ଼ିଛି । ସେହିପରି ଅନ୍ୟ ୨ବାଇକ୍ ଆରୋହୀ ଖଜୁରଟିକ୍ରା ନିବାସୀ ଭୂପେଶ ବେହେରା ଓ ବିଶି କଲୋନୀର ନିଲୁ ମହାନନ୍ଦ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଏକ ମାଟି ବୋଝେଇ ଡମ୍ଫର(ନଂ.ଓଆର୧୭ଏ ୦୪୧୦) ବାନ୍ଧୁଟିକ୍ରା ପଟୁ ଭଟଲି ଛକ ଆଡକୁ ଯାଉଥିଲା। ସେତିକିବେଳେ ବିପରୀତ ଦିଗରୁ ଆସିଥିବା ଏକ ବାଇକ୍(ନଂ.ଓଡ଼ି୧୭ଏଫ ୬୩୦୧) ଭାରସାମ୍ୟ ହରାଇ ଡମ୍ଫର ଭିତରକୁ ପଶି ଯାଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣ ଚାପି ହୋଇ ଯାଇଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି କ୍ରେନ ସହାୟତାରେ ଡମ୍ଫରକୁ ଉଠାଇଥିଲେ। ପରେ ପୋଲିସ ନରସିଂହଙ୍କ ମୃତଦେହ ଜବତ କରିଥିବା ବେଳେ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଦୁର୍ଘଟଣା ଗ୍ରସ୍ତ ଗାଡିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ଡାଇରିଆ, ମ୍ୟାଲେରିଆ ନିୟନ୍ତ୍ରଣକୁ ଗୁରୁତ୍ୱ

**ବିଜେପୁର ବ୍ଲକ**

ବରଗଡ଼ ଅଫିସ୍,୧୮।୬

ବରଗଡ଼ରେ ଡାଇରିଆ, ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତପୀରାମ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାରେ ଡାଇରିଆ, ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ ଡାଇରିଆ, ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୩ମାସ ବର୍ଷାଋତୁରେ ଜିଲାର ପ୍ରତ୍ୟେକ ଗ୍ରାମରେ ପାନୀୟଜଳ ଉତ୍ସଗୁଡ଼ିକୁ ସ୍ୱଚ୍ଛ ରଖିବା, ପରିବେଶ ସଫା ରଖିବା, ବର୍ଜ୍ୟବସ୍ତୁର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଡାଇରିଆ, ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ଅଙ୍ଗନୱାଡ଼ି କର୍ମୀ ଓ ଆଶାକର୍ମୀଙ୍କ ସହାୟତାରେ ଜନସାଧାରଣଙ୍କୁ ସଚେତନ କରିବା ସହ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମତପ୍ରକାଶ ପାଇଥିଲା । ଜିଲାର ୧୦ଟି ସ୍ଥାନରେ ଲୋକକଳା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଥିଲା । ଏପରି କି ପ୍ରତ୍ୟେକ ଗ୍ରାମରେ ରହିଥିବା ଗାଁ କଲ୍ୟାଣ ସମିତିଗୁଡ଼ିକ ଗ୍ରାମର ସ୍ୱଚ୍ଛତା, ଶୁଦ୍ଧ ପାନୀୟଜଳର ବ୍ୟବହାର ଉପରେ ପଦକ୍ଷେପ ନେବା ପାଇଁ ଅତିରିକ୍ତ ଜିଲାପାଳ ମାଝି ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଡା. ଭୀମ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ ।

## ଆବାସ ଘର ସାତ୍‌ସପନ

## ନଡ଼ାଛପର ଘରେ ବିତୁଛେ ଜୀବନ୍

ଅତାବିରା, ୧୮।୬ (ଡି.ଏନ.ଏ)

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ନିଆଁସିମାନକର ଲାଗି ଅବାସ ଯୋଜନା କାୟ୍‌କାରୀ କରୁଛନ୍। ହେଲେ ସର୍ଭେରେ ଭୁଲଭଟକା, ଯୋଜନା କାୟ୍‌କାରୀ କରୁଥିବାର ଅଧିକାରୀ, କରମ୍‌ଚାରୀକର ଖାମଖିଆଲି ମନଭାବ ଲାଗି ଅନେକ ହକ୍‌ଦାର ହିତାଧିକାରୀ ଯୋଜନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଇଆଡ଼େ ହକ୍‌ଦାର ହିତାଧିକାରୀମାନେ ଦରକାରୀ କାଗଜପତର ଧରି ଇ ଅଫିସ ସେ ଅଫିସ ନରଦି ନରଦି ନିହାଲ ହେଇଯାଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଡାଲବ ପଁଚେତ୍ କନ୍ଧପଡ଼ାରେ। ସୂଚନା ଅନ୍‌ସାରେ କନ୍ଧପଡ଼ାର ଅଲେଖ ଭୋଇ। ପରିବାର କହେଲେ ମାଏକିନା ଉର୍ମିଳା, ଝିଁ ଯଶୋବନ୍ତୀ ଆର ଦୁଇ ପୁଓକୁ ନେଇ ତାକର ସୁଖର ସଁସାର। ପରିବାରଟା ନିହାତି ଗରିବ ହେଇଥିଲାବେଲେ ଗୁଟେ ନଡ଼ା ଛାଉନି ମାଏଟ୍ କୁଡିଆରେ ରହୁଛନ୍। ସେ ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଦାବି କରିଆସୁଥିଲେ ବି ଆଏଜ୍‌ତକ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଇ ରହିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୂରଲୀଧର ନାୟକକୁଁ ପଚରାଲାରୁ ଘଟନାର ତଦଁତ୍ କରି ହିତାଧିକାରୀକୁଁ ଆବାସ ଯୋଜନାରେ ସାମିଲ କରବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।

## ଗୁରୁନାନକ ପ୍ରକାଶ ଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୧୮।୬

ଶିଖ୍ ସମାଜର ଗୁରୁଶ୍ରୀ ଗୁରୁ ନାନକ ଦେବ ଜୀ ମହାରାଜଙ୍କ ୫୫୦ତମ ଜୟନ୍ତୀ ଉପଲକ୍ଷେ କର୍ନାଟକରୁ ବାହାରିଥିବା ଶ୍ରୀ ଗୁରୁନାନକ ପ୍ରକାଶ ଯାତ୍ରା ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟାରେ ବରଗଡ଼ ସହରକୁ ପହଞ୍ଚିଥିଲା । ଏନେଇ ସ୍ଥାନୀୟ ଗୁରୁଦ୍ୱାରା ପ୍ରବନ୍ଧକ କମିଟି ଏବଂ ଶିଖ୍ ସମାଜ ପକ୍ଷରୁ ଗାନ୍ଧୀଛକଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯାତ୍ରାରେ ଆସିଥିବା ଜ୍ଞାନୀ ଅବତାର ସିଂ, ମନପ୍ରୀତ ସିଂ, ପରବିନ୍ଦର ସିଂ ଭାଟିଆ, ନିର୍ମଳ ସିଂ ଚାୱଲା, ପୁନିତ୍ ସିଂ, ସତବୀର ସିଂଙ୍କୁ ସମ୍ମାନିତ କରାଯାଇଥିଲା। ବରଗଡ଼ ଗୁରୁଦ୍ୱାରା କମିଟିର ସଭାପତି ବଲବନ୍ତ ସିଂ, ସମ୍ପାଦକ ସର୍ଦ୍ଦାର ପ୍ରୀତମ ସିଂ, ଉପସଭାପତି ଗୋଲାପ ଚାନ୍ଦ ପୋପଟାନୀ ପ୍ରମୁଖ ଉପସ୍ଥିତ ଥିଲେ। ଅମରଜିତ୍ ସିଂ, ଇନ୍ଦରଜିତ୍ ସିଂ, ଯଶବୀର ସିଂ, ଜିତେନ୍ଦର ସିଂ ପ୍ରମୁଖ ସହଯୋଗ କରିଥିଲେ । ପରେ ଯାତ୍ରା ସମ୍ବଲପୁର ଅଭିମୁଖେ ଯାଇଥିଲା ।

## ଉଜୁଡ଼ିଗଲା ପୋଟଳ ଚାଷ: ଚାଷୀ ହତାଶ

**କାଳବୈଶାଖୀ**

ପଦ୍ମପୁର, ୧୮।୬(ଡି.ଏନ.ଏ.)

କାଳବୈଶାଖୀ ପ୍ରଭାବରେ ଝଡତୋଫାନ ଘଟି ପଦ୍ମପୁର ବ୍ଲକ ଚାରପାଲି ପଞ୍ଚାୟତ ଅଧୀନ ଜାମଖାଏର ଗ୍ରାମର ଅଜିତ ବିଶ୍ୱାଲଙ୍କ ୪ ଏକର ପୋଟଳ ଚାଷ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି। ଫଳରେ ସେ ହତାଶ ହୋଇପଡିଛନ୍ତି। ପ୍ରକାଶ ଯେ, ଅଜିତ ୪ ଏକର ଜମିରେ ପୋଟଳ ଚାଷ କରି ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ସୋମବାର ଝଡତୋଫାନ ଘଟି ଅଜିତଙ୍କ ପୋଟଳ ଚାଷ ଉଜୁଡି ଯାଇଥିଲା। ଏନେଇ ସେ ଦୁଃଖରେ ଭାଙ୍ଗି ପଡିଛନ୍ତି । ଅନ୍ୟପକ୍ଷେ କାଳବୈଖାଖୀରେ ପଦ୍ମପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଛ, ବିଦ୍ୟୁତ୍ ଖୁଣ୍ଟ, ଚାଲଘର ଆଦି ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେଇ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



କାଳ ବୈଶାଖିରେ ନଷ୍ଟ ହୋଇଯାଇଥିବା ପୋଟଳ ଚାଷ।

## ବିହନ ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ

ବରଗଡ଼ ଅଫିସ୍,୧୮।୬

ଖରିଫ ଚାଷ ଆରମ୍ଭ ହୋଇନାହିଁ । ଅପରପକ୍ଷେ ବରଗଡ଼ ଜିଲାରେ ନକଲି ବିହନ, କୀଟନାଶକ ବିକ୍ରେତା ସକ୍ରିୟ ହୋଇପଡ଼ିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲା କୃଷି ବିଭାଗ ପକ୍ଷରୁ ମଧ୍ୟ କଡା ନଜର ରଖାଯାଇଛି। ଏହି କ୍ରମରେ ମଙ୍ଗଳବାର ଜିଲା କୃଷି ବିଭାଗ ପକ୍ଷରୁ ବରପାଲିସ୍ଥିତ ଧୀରପୁର ଗ୍ରାମର ଶ୍ରୀମା କୃଷି ଭଣ୍ଡାର ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଅଧିକାରୀମାନେ ନକଲି ବିହନ ଜବତ କରିଛନ୍ତି। ଏପରି କି ସମ୍ପୃକ୍ତ ବିହନ ବିକ୍ରେତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରି ଜବତ୍ ବିହନର ନମୁନା ପରୀକ୍ଷା ପାଇଁ ରାଜ୍ୟ ବିହନ ପରୀକ୍ଷାଗାରକୁ ପଠାଯାଇଥିବା ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ଧୀରପୁରର ଉପରୋକ୍ତ ବିହନ ଦୋକାନରେ ନକଲି ବିହନ ବିକ୍ରି ହେଉଥିବା ନେଇ କୌଣସି ସୂତ୍ରରୁ କୃଷି ବିଭାଗକୁ ସୂଚନା ମିଳିଥିଲା । ଏନେଇ ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ବରପାଲି ସହକାରୀ କୃଷି ଅଧିକାରୀ ବନମାଳୀ ସାହୁ ପ୍ରମୁଖ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ଦୋକାନରେ ବ୍ୟାପକ ଅନିୟମିତତା ଧରାପଡ଼ିଥିଲା। ସମ୍ପୃକ୍ତ ବିହନ ବିକ୍ରେତା ନକଲି ବିହନ ବିକ୍ରି କରିବା ସହ କୌଣସି କାଗଜାତ୍ ଦେଖାଇ ପାରି ନ ଥିଲେ । ପାନ ସିଡ୍‌ସ୍ କମ୍ପାନୀର ବହୁଳ ଆଦୃତ ପିଏନ-୮୦ଏ ଯମୁନା କିସମର ଧାନ ବିହନକୁ ଗିରିରାଜ ସିଡ୍‌ସ୍ ନାମକ ଏକ କମ୍ପାନୀର ଯମୁନା ଗୋଲ୍ଡ ନାମରେ ନକଲି ବିହନ ପ୍ରସ୍ତୁତ କରି ବିଭିନ୍ନ ଡିଲରଙ୍କ ମାଧ୍ୟମରେ ଚାଷୀମାନଙ୍କୁ ବିକ୍ରି କରୁଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଏପରି କି ଅଧିକାରୀମାନେ ସମ୍ପୃକ୍ତ ବିହନ ବିକ୍ରେତାଙ୍କ ପାଖରେ ଥିବା ଏକ ବସ୍ତା(୩୦କିଗ୍ରା) ଯମୁନ ଗୋଲ୍ଡ ନକଲି ବିହନକୁ ଜବତ କରିଥିଲେ। ସେହିପରି ସେ ଚାଷୀଙ୍କୁ ବିନା ବିଲ୍‌ରେ ବିହନ ବିକ୍ରି କରୁଥିବା ଜିଲା କୃଷି ଉପନିର୍ଦ୍ଦେଶକ ଗାନ୍ଧୀ କହିଛନ୍ତି । ଏହା ସହିତ ସମ୍ପୃକ୍ତ ବିହନ ବିକ୍ରେତା ଅନ୍ୟ ଏକ କମ୍ପାନୀର ଲାଇସେନ୍ସ ନ ଥାଇ ୪୦କିଗ୍ରା ହାଇବ୍ରିଡ୍ ବିହନ ବିକ୍ରି କରୁଥିବା ଯୋଗୁ ଉକ୍ତ ବିହନକୁ ମଧ୍ୟ ଜବତ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।



ବିହନ ଦୋକାନରେ କୃଷି ବିଭାଗ ଅଧିକାରୀଙ୍କ ଚଢ଼ାଉ ।

**ନକଲି ଧାନ ବିହନ ଜବତ**



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ, କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### କୁଟାସିଂହା ଅଭୟା ଯାତ୍ରା ଉଦ୍‌ଯାପିତ

**ଲୋଇସିଂହା,୧୮।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ କୁଟାସିଂହା ଗ୍ରାମରେ ଚାଲିଥିବା ଅଭୟା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାକ ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ। କୁଟାସିଂହା-କପାସିରା ଅଙ୍ଗନଦୀରେ ସେତୁ ନିର୍ମାଣ ପାଇଁ ଶୀଘ୍ର ଟେଣ୍ଡର କାମ, କୁଟାସିଂହାରେ ଯୁକ୍ତ ୨ କଲେଜ ଖୋଲିବା, ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଧାନମଣ୍ଡ ପରିଚାଳନା ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ କହିଥିଲେ। ପ୍ରକାଶଯୋଗ୍ୟ, ଗ୍ରାମର ଆସ୍ଥା ଓ ବିଶ୍ୱାସର ଏହି ଯାତ୍ରା କେଉଁ କାଳରୁ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷର ଏହି ଯାତ୍ରା ଗତ ୧୦ ତାରିଖଠାରୁ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ଦିନ ପ୍ରତ୍ୟେକ ପରିବାରରୁ ଜଣେ ଜଣେ ସଦସ୍ୟ ବାହିରି ମା'ଙ୍କୁ ଛେରୋ ପହଁରା କରି ବିସର୍ଜନ କରିଥାନ୍ତି। ଏହି ଯାତ୍ରା ଦ୍ୱାରା ଗାଁରେ ଅଗ୍ନିକାଣ୍ଡ, ବସନ୍ତ ରୋଗ ଏପରିକି ଗୋରୁଗାଈଙ୍କଠାରେ ଫାଟୁଆ ରୋଗର ଭୟ ନ ଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି।

### ବାବୁଫାସଡ଼ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

**ଲୋଇସିଂହା,୧୮।୬(ଡି.ଏନ. ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବାବୁଫାସଡ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କଠାରେ ପଞ୍ଚାୟତବାସୀ ଫେରାଦ ହୋଇଛନ୍ତି। ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଅନିୟମିତତା କରାଯାଇଛି। ଯୋଗାଣ ସାମଗ୍ରୀ ବଣ୍ଟନରେ ମଧ ହେରଫେର ହୋଇଛି। ଗୁରୁଦେବ ମାଝି, ଛୁଆଙ୍ଗ ଭୁଏ, କୁବେର ମାଝି ପ୍ରମୁଖ ବିଧାୟକଙ୍କ ସହ ବଲାଙ୍ଗୀର ଜିଲାପାଳ, ପିଡି ଡିଆରଡିଏ, ବିଡିଓ ଏବଂ ପଞ୍ଚାୟତିରାଜ ସଚିବଙ୍କୁ ଏ ସଂକ୍ରାନ୍ତରେ ଜଣାଇଛନ୍ତି।

### ସରଗାଡ଼ରେ ପୁରାଣ ପଠନ

**ଲୋଇସିଂହା,୧୮।୬(ଡି.ଏନ.ଏ.):** ଲୋଇସିଂହା ବ୍ଲକ ସରଗାଡ ଗ୍ରାମର ଜଗନ୍ନାଥ ଯୁବ ପରିଷଦ ପକ୍ଷରୁ ଭବିଷ୍ୟ ପୁରାଣ ପଠନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବ୍ୟାସ ବିଦ୍ୟୁତଛାୟା ନନ୍ଦ ୧୦ମ ଭବିଷ୍ୟ ପୁରାଣପାଠ କରିଥିଲେ। ଉମାକାନ୍ତ ତ୍ରିପାଠୀ, ରାଧାକାନ୍ତ ତ୍ରିପାଠୀ ପୂଜାର୍ଚ୍ଚନା କରିଥିବାବେଳେ ଲାଲବିହାରୀ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସଭାପତି ରାଜ କିଶୋର ସେଠ, ସଂପାଦକ ନାରାୟଣ ବାରିକ, ଉପଦେଷ୍ଟା କୈବର୍ତ୍ତ ପଧାନ, ସୁରେନ୍ଦ୍ର କୁମାର ପଟେଲ, ସୌରଭ ସାହୁ, ଦୀନବନ୍ଧୁ ପଧାନ, ଦେବ ସାହୁ, କ୍ରିଷ୍ଣା ବେହେରା, କୁଳମଣୀ ସାହୁ, ଗୋପାଳ ବାରିକ, କେଶବ ପଧାନ, ଜଗନ୍ନାଥ ବାରିକଙ୍କ ସମେତ ଗ୍ରାମବାସୀ ଆୟୋଜନରେ ସହଯୋଗ କରିଥିଲେ।

ଦ୍ୱିତୀୟ ଦିନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଆନ୍ଦୋଳନ

# ସାମିଲ ହେଲେ ବିଭିନ୍ନ ସଙ୍ଗଠନ

**ବଲାଙ୍ଗୀର ଅଫିସ, ୧୮।୬**



ଜିଲା ଓକିଲ ସଂଘ ପକ୍ଷରୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ କରାଯାଇ ଧାରଣା ଦିଆଯାଇଛି।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ୪ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ଓ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଦ୍ୱିତୀୟ ଦିନ ମଧ ବଲାଙ୍ଗୀର ସିଭିଲ କୋର୍ଟ ଓ ଜିଲାପାଳ କାର୍ଯ୍ୟାଳୟକୁ ଅଚଳ କରି ଦିଆଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସିଭିଲ କୋର୍ଟରେ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ଦ୍ୱିତୀୟ ଦିନରେ ପହଞ୍ଚିଥିବା ଏହି ଆନ୍ଦୋଳନରେ ବିଭିନ୍ନ ସାମାଜିକ ଓ ଶ୍ରମିକ ସଙ୍ଗଠନର ପ୍ରତିନିଧି ସାମିଲ ହୋଇଥିଲେ। ଶ୍ରମିକ ନେତା ଲଳିତ କୁମାର ନାୟକ ଏହି ଆନ୍ଦୋଳନରେ ଯୋଗଦେଇ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ଉଚିତ୍ ବୋଲି କହିଥିଲେ। ଯଶବନ୍ତ ସିଂ କମିଶନ ଆଧାରରେ ବଲାଙ୍ଗୀର ହିଁ ପ୍ରକୃଷ୍ଟ ସ୍ଥାନ ହେବା ସତ୍ତ୍ୱେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ବିଧିବଦ୍ଧ ପଦକ୍ଷେପ ନ ନେଇ ଏହି ପ୍ରସଙ୍ଗକୁ ଅଧିକ ଜଟିଳ କରୁଥିବା ସେ କହିଥିଲେ। ତେବେ ଆଇନତଃ ଯେଉଁ ଦାବି ଯଥାର୍ଥ ତାହା ପୂରଣ କରିବା ଉଭୟ ସରକାରଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ। ଐତିହାସିକ ପୃଷ୍ଠଭୂମି, ଯଶବନ୍ତ ସିଂ କମିଶନଙ୍କ ସୁପାରିଶ ଓ ଭିତ୍ତିଭୂମି ଦୃଷ୍ଟିରୁ ବଲାଙ୍ଗୀର ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଏକମାତ୍ର ଯଥାର୍ଥ ସ୍ଥାନ ବୋଲି ସେ କହିଥିଲେ। ଏଣୁ ଟାଳଟୁଳ ନୀତି ଅବଲମ୍ବନ ନ କରି ପଶ୍ଚିମ ଓଡିଶାର ହାଇକୋର୍ଟ ବେଞ୍ଚ ବଲାଙ୍ଗୀରେ ହିଁ ପ୍ରତିଷ୍ଠା କରାଯାଉ ବୋଲି ସେ ଦାବି ଜଣାଇଥିଲେ। ଜିଲା ଓକିଲ ସଂଘ କକ୍ଷରୁ ଅନୁଷ୍ଠିତ ଏହି ଆନ୍ଦୋଳନରେ ମଙ୍ଗଳବାର ହୀର ଜିଟିଡି ୱାର୍କର୍ସ ୟୁନିୟନ, ଭାରତୀୟ ମଜଦୁର ସଂଘ, ବିଏସ୍‌ଏନ୍‌ଏଲ ଶ୍ରମିକ ସଂଘ, ପୂର୍ବତଟ ରେଳ ହକର ସଂଘ ଓ କେବିକେ ଆଇଟିଆଇ ଛାତ୍ର ସଂଘ ପ୍ରତିନିଧିମାନେ ସାମିଲ ହୋଇ ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ କରାଯିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ଉପସଭାପତି ବାସୁଦେବ ବାରିକ, ବରିଷ୍ଠ ସଭ୍ୟ ଜଗନ୍ନାଥ ଆଚାର୍ଯ୍ୟ, ଭବାନୀ ଶଙ୍କର ଶତପଥୀ, ନନ୍ଦ କୁମାର ଚାନ୍ଦ, ସୁରେଶ ପାଠୀ, ସରୋଜ ଗୁପ୍ତା, ରାଜେନ୍ଦ୍ର ମିଶ୍ର, ରତନ ମହାରଣା, ରଘୁନନ୍ଦନ ସିଂ, ବାସୁଦେବ ରଥ, ରଞ୍ଜନ କୁମାର ତ୍ରିପାଠୀ, ଅଶୋକ ରାଉତ୍, ରୁଦ୍ର ଥନାପତି, ଦୟାନିଧି ଶତପଥୀ, ଅନନ୍ତ ବିଶ୍ୱାଲ ଓ ଅନ୍ୟମାନେ ଧାରଣାରେ ବସି ବକ୍ତବ୍ୟ ରଖିଥିଲେ। ଗଡଜାତ ମିଶ୍ରଣ ବେଳେ ବଲାଙ୍ଗୀରରେ ଥିବା ସମସ୍ତ ଅନୁଷ୍ଠାନ ବଲାଙ୍ଗୀରରେ ପ୍ରତିଷ୍ଠା କରିବା ରାଜ୍ୟ ସରକାରଙ୍କ କର୍ତ୍ତବ୍ୟ ରହିଥିଲା। ପୂର୍ବରୁ ଏଠାରେ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା। ଏବେ ବଲାଙ୍ଗୀରବାସୀଙ୍କ ନ୍ୟାଯ୍ୟ ଦାବି ଓଡିଶା ହାଇକୋର୍ଟର ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରିବା ଦିଗରେ ସରକାର ପଦକ୍ଷେପ ନେବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ଯଶବନ୍ତ ସିଂ କମିଶନଙ୍କ ସୁପାରିଶ ଓ ଏଠାରେ ଥିବା ଭିତ୍ତିଭୂମି ଦୃଷ୍ଟିରୁ ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରାଯାଉ ବୋଲି ଏଥିରେ ସାମିଲ ସମସ୍ତ ବ୍ୟକ୍ତି ଦାବି କରିଥିଲେ। ଏହି ଆନ୍ଦୋଳନ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜିଲା ଓକିଲ ସଂଘ ସଭାପତି ତ୍ରିପାଠୀ କହିଛନ୍ତି।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ଭବାନୀପାଟଣା,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ଛତାପଦର ଗ୍ରାମରେ ରବିବାର ସନ୍ଧ୍ୟାରେ କାଳବୈଶାଖୀ ଓ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତାପଦର ଗ୍ରାମର ଶ୍ରୀପତି ନାଗ (୫୩)। ରବିବାର ଅପରାହ୍ନରେ ଛତାପଦର ଗ୍ରାମର ଶ୍ରୀପତି ହୀରାପୁରସ୍ଥିତ ତାଙ୍କ ଚାଷ ଜମିକୁ ଯାଇଥିବା ବେଳେ ବର୍ଷା ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ନିକଟରେ ଥିବା ଏକ ମହୁଲ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସ୍ତ୍ରୀ ବଡପୁଅ ଭୂଜବଳଙ୍କୁ ଖବର ଦେଇଥିଲେ। ଭୂଜଳବଳ ଖୋଜାଖୋଜି କରିବା ପରେ ଜମିକୁ ଯାଇଥିଲେ। ସେଠାରେ ଶ୍ରୀପତି ମରି ପଡିଥିବା ଦେଖିଥିଲେ। ରାତିରେ ଜୟପାଟଣା ଡାକ୍ତରଖାନାକୁ ତାଙ୍କ ଶବ ଅଣାଯାଇଥିବା ବେଳେ ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି।

## ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ସଚେତନତା ଅଭିଯାନର ଶୁଭାରମ୍ଭ



ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି।

**ବଲାଙ୍ଗୀର ଅଫିସ, ୧୮।୬**

ବଲାଙ୍ଗୀର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ସିଡିଏମ୍‌ଓ ଡାକ୍ତର ସଞ୍ଜୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ ଯୋଗ ଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଜୁନ୍ ୧୭ରୁ ସେପ୍ଟେମ୍ବର ୧୬ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଏହି ସଚେତନତା ଅଭିଯାନ କାର୍ଯ୍ୟ କରିବ। ପ୍ରଥମ ମାସ ଜୁନ୍ ୧୭ରୁ ଜୁଲାଇ ୧୬ ପର୍ଯ୍ୟନ୍ତ ଡାଇରିଆ ସଚେତନତା ଅଭିଯାନ କରାଯିବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ଅଭିଯାନ କରାଯିବ ବୋଲି ସୂଚନା ଦିଆଯାଇଛି। ଆଗକୁ ବର୍ଷା ମାସ ଆସୁଥିବାରୁ ଏହି ତିନି ରୋଗକୁ ନେଇ ଲୋକେ କିଭଳି ସଚେତନ ରହିବେ ସେ ଦିଗରେ ଏହି ଅଭିଯାନ ଆରମ୍ଭ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲା ପ୍ରୋଗ୍ରାମ ମ୍ୟାନେଜର ମୃତ୍ୟୁଞ୍ଜୟ ମୁଣ୍ଡ ସଭାରେ ସଂଯୋଜନା କରିଥିଲେ। ସହକାରୀ ଜିଲା ଚିକିତ୍ସାଧିକାରୀ ଜ୍ଞାନବ୍ରତ ମହାନ୍ତି ଓ ରଜତ କୁମାର ସାହୁ ମ୍ୟାଲେରିଆ, ଡାଇରିଆ ଓ ଡେଙ୍ଗୁ ରୋଗ ଉପରେ ସୂଚନା ଦେଇଥିଲେ। ଶୂନରୁ ୫ ବର୍ଷ ଭିତରେ ଶିଶୁମାନଙ୍କ ସୁରକ୍ଷା ଦିଗରେ ଜିଲାବ୍ୟାପୀ କିଭଳି ସଚେତନ କରାଯିବ ସେନେଇ ପ୍ରସ୍ତୁତ ବ୍ଲୁପ୍ରିଣ୍ଟ ଉପରେ ଆଲୋଚନା ହୋଇଥିଲା। ଆଶା, ଅଙ୍ଗନୱାଡି, ସ୍ୱାସ୍ଥ୍ୟ କର୍ମଚାରୀ ଓ ଡାକ୍ତରମାନେ କିଭଳି ସଚେତନତା ଦିଗରେ କାର୍ଯ୍ୟ କରିବେ କୁହାଯାଇଥିଲା। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଡାକ୍ତର ମଞ୍ଜୁବାଳା ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ବିନୋଦିନୀ ପ୍ରଧାନ, ଜିଲା ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ମ୍ୟୁନିସିପାଲିଟିର ଅଧିକାରୀ ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ତେବେ ଜନସ୍ୱାସ୍ଥ୍ୟ ବିଭାଗ ଓ ଆରଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀଙ୍କୁ ବୈଠକକୁ ଡକାଯାଇ ନ ଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲାରେ ଜଳ ପ୍ରଦୂଷଣ ବୃଦ୍ଧି ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ମ୍ୟୁନିସିପାଲିଟି ପକ୍ଷରୁ ସଫେଇ କାର୍ଯ୍ୟ ଠିକ୍ ଭାବେ କରାଯାଉ ନ ଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ଦିଗରେ ଧ୍ୟାନ ଦିଆଯିବ ବୋଲି ଏଡିଏମ୍ ସେଠୀ କହିଥିଲେ।

## ଯୋଗ ଦିବସ ପ୍ରସ୍ତୁତି ବୈଠକ

**ଟିକ୍ରାପଡା,୧୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ କଳା ଓ ସଂସ୍କୃତି ପରିଷଦ ପରିସରରେ ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ଯୋଗ ଦିବସ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନାରାୟଣ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିଲେ। ଇନ୍ଦ୍ରମଣି ବନଛୋର ସଭା ସଂଯୋଜନା କରିଥିଲେ। ରଜନୀକାନ୍ତ ଦାସ, ଉଗ୍ରସେନ ରାଜପଲିଆ, ଗୌରଚନ୍ଦ୍ର ମୁଦୁଲି, ପୀତାମ୍ବର ଭୋଇ, ଗୋପବନ୍ଧୁ ଭୋଇ, କରୁଣାକର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ୨୧ ତାରିଖ ସକାଳ ୭ଟାରୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସଭାରେ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବହୁ ସଂଖ୍ୟାରେ ଯୋଗପ୍ରେମୀଙ୍କୁ କାର୍ଯ୍ୟକ୍ରମରେ ସାମିଲ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା। ସଇଁତଲା ବ୍ଲକର ୫୦ଟି ସ୍ଥାନରେ ଯୋଗ ଦିବସ ପାଳନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ସେହିପରି ସଇଁତଲାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ମଧ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦୀପକ ଭୋଇ ସଭା ସଂଯୋଜନା କରିଥିଲେ। ସୁଶାନ୍ତ ନାଏକ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଗୋପାଳ ଶର୍ମା, ପ୍ରମୋଦ ସ୍ୱାଇଁ, ଧରଣୀଧର ରଣା, ସୁରୁପାଳ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଚଢ଼ାଦରରେ ଚାଷୀ କିଣୁଛନ୍ତି ବିହନ

**ଦେଓଗାଁ,୧୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ବର୍ତ୍ତମାନ ଖରିଫ ଧାନ ଚାଷ ପାଇଁ ଚାଷୀ ଜମି ପ୍ରସ୍ତୁତ କରିବା ସହ ଧାନ ବିହନ ସଂଗ୍ରହରେ ଲାଗିଛନ୍ତି। ଏହି ସମୟରେ ସରକାରୀସ୍ତରରେ ପ୍ରତ୍ୟେକ ପେକ୍ସ ଓ ଲାଇସେନ୍ସପ୍ରାପ୍ତ ଦୋକାନରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ଧାନ ବିହନ ଉପଲବ୍ଧ ରହିବା ଆବଶ୍ୟକ। କିନ୍ତୁ ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରେ ବିହନ ଯୋଗାଇବାରେ ଆହେତୁକ ବିଳମ୍ବ ହେବା ନଜରକୁ ଆସିଛି। ବ୍ୟବସାୟୀ ଏହାର ଲାଭ ଉଠାଇ ଚଢା ଦରରେ ଚାଷୀଙ୍କୁ ବିହନ ବିକ୍ରି କରୁଥିବା ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଠିକ୍ ସମୟରେ କୃଷି ସେବା ସମବାୟ ସମିତିକୁ ଧାନ ବିହନ ଆସୁ ନ ଥିବାରୁ ଜମି ପ୍ରସ୍ତୁତ କରି ବିହନକୁ ଅନାଇ ବସିଥିବା ଚାଷୀ ବାଧ୍ୟବାଧକତାରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦର ଦେଇ ବ୍ୟବସାୟୀଙ୍କଠାରୁ ଧାନ କିଣୁଥିବା କହିଛନ୍ତି। ସରକାର ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇ ଦେଉଥିବା ଅନେକ ବିଜ୍ଞାପନ ଦେଉଛନ୍ତି। ହେଲେ ଠିକ ସମୟରେ ଯୋଜନା ପହଞ୍ଚିପାରୁନି। ସମସ୍ତ ଯୋଜନା କେବଳ ଯୋଜନାରେ ହିଁ ସୀମିତ ରହିଯାଉଛି। ଜଣେ ଅବସରପ୍ରାପ୍ତ କୃଷିକର୍ମଚାରୀଙ୍କ କହିବାନୁସାରେ କେତେକ ଲାଭଖୋର ଅଧିକାରୀ ଓ କେତେକ ସଂସ୍ଥା ଯେଉଁମାନେ ସରକାରଙ୍କଠାରୁ ଚାଷୀଙ୍କୁ ବିହନ ଓ ସାର ଯୋଗାଇ ଦେବାର ଟେଣ୍ଡର ନେଉଛନ୍ତି ସେମାନଙ୍କ ମଧୁଚନ୍ଦ୍ରିକାରେ ଜାଣିଶୁଣି ବିଳମ୍ବ କରାଯାଉଛି। ଯଦ୍ଦ୍ୱାରା ବିହନ ଓ ସାର ଆଦି ବିକ୍ରିରେ ସେମାନେ ଅଧିକ ଲାଭ ଉଠାଇ ପାରିବେ। ମଙ୍ଗଳବାର ଦେଓଗାଁ ବ୍ଲକର ଦେଷଣ୍ଡ ପଞ୍ଚାୟତ ଭାଲୁକୁନ୍ଦ ଓ କୁମ୍ଭିମହୁଲ ଗାଁରେ ୨ ଜଣ ବ୍ୟବସାୟୀ ଚଢା ଦରରେ ବିହନ ବିକ୍ରି କରୁଥିବା ବେଳେ କେତେକ ଚାଷୀ ତାହାର ପ୍ରତିବାଦ କରିଥିଲେ। ଏହା ଉପରେ ପଦକ୍ଷେପ ନେବାକୁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ଲିଖିତ ଅଭିଯୋଗ କରାଯାଇଛି। ସେହିପରି ସଦର ବ୍ଲକ ଶିବତଲାରେ ମଧ କେତେକ ଚାଷୀ ପ୍ରତିବାଦ କରିଛନ୍ତି। ଏ ନେଇ ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କିଶୋର ନାଏକଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇନାହାନ୍ତି। ଯେଉଁମାନେ ଅଣସ୍ୱୀକୃତିପ୍ରାପ୍ତ ଭାବେ ବିହନ ଅବା ରସାର ଚଢା ଦରରେ ବିକୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଗୋରୁ ମୃତ

**ଭବାନୀପାଟଣା,୧୮।୬(ଡି.ଏନ.ଏ.):**

ଧର୍ମଗଡ ଥାନା ଅନ୍ତର୍ଗତ ମେରଘରା ଗ୍ରାମ କେନାଲ ପାଖକୁ ଲାଗି ରହିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ଗାଇ ମୃତ ମୃତ୍ୟୁ ଘଟିଛି। ସୋମବାର ସକାଳେ ରୁଦ୍ରନାରାୟନ ପାତ୍ରଙ୍କ ଗୋରୁ ଚରିବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବର୍ଷା ଯୋଗୁ ଟ୍ରାନ୍ସଫର୍ମର ଅର୍ଥ ସଂଯୋଗରେ ଗୋରୁ ମରି ଥିବା ବିଭାଗୀୟ ଏସ୍‌ଡିଓ ପ୍ରକାଶ କରିଛନ୍ତି।

## ଭୀମ ଭୋଇ ମେଡିକାଲ କଲେଜ ପରିଦର୍ଶନ କଲେ ନରସିଂହ

**ବଲାଙ୍ଗୀର ଅଫିସ, ୧୮।୬**



ବିଧାୟକ ନରସିଂହ ମିଶ୍ର ଭୀମ ଭୋଇ ମେଡିକାଲ କଲେଜ ପରିଦର୍ଶନ ବେଳେ ଡିନ୍, ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା କରୁଛନ୍ତି।

- ଡିନ୍, ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଆଲୋଚନା
- ମେଡିକାଲ କଲେଜ ସମସ୍ୟା ସମାଧାନକୁ ନେଇ ଗୁରୁତ୍ୱ

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମଙ୍ଗଳବାର ଅପରାହ୍ନରେ ଗନ୍ଧରେଲସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ପରିଦର୍ଶନ କରିଛନ୍ତି। ଅଧ୍ୟାପନା, ଚିକିତ୍ସା ସେବା ଓ ଭିତ୍ତିଭୂମି ଉପରେ ମେଡିକାଲ କଲେଜ ଡିନ୍ ଡା. ଲଳିତ କୁମାର ମେହେର ଏବଂ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ନାରାୟଣ ଆଚାର୍ଯ୍ୟଙ୍କ ସହ ବିଧାୟକ ମିଶ୍ର ଆଲୋଚନା କରିଥିଲେ। ଆଗାମୀ ୨/୩ବର୍ଷ ମଧ୍ୟରେ କଲେଜ ଛାତ୍ରୀଛାତ୍ର ସଂଖ୍ୟା ବଢିବ। ଏହା ଦ୍ୱାରା ବର୍ତ୍ତମାନ ଥିବା ହଷ୍ଟେଲରେ ସ୍ଥାନ ଅଭାବ ଦେଖାଯିବ। ଏଣୁ ଏବେଠୁ ହଷ୍ଟେଲକୁ ୫୦୦ ସିଟ୍ ବିଶିଷ୍ଟ କରିବା ଦିଗରେ ଡିନ୍ ଡାକ୍ତର ମେହେର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ଅଧ୍ୟାପନା ପାଇଁ ହୃଦ୍ ଏବଂ ସ୍ନାୟୁ ବିଭାଗର ଡାକ୍ତର, ପ୍ରଫେସର ଆବଶ୍ୟକ ହେଉ ନ ଥିଲେ ମଧ ହସ୍ପିଟାଲରେ ଚିକିତ୍ସା ସେବା ପାଇଁ ଏହି ବିଭାଗ ଡାକ୍ତରଙ୍କ ଆବଶ୍ୟକତା ଥିବାରୁ ଏ ଦିଗରେ ଧ୍ୟାନ ଦିଆଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ୨୪ ଘଣ୍ଟିଆ ବିଜୁଳି ଓ ପାଣି ସୁବିଧା ଉପରେ ଆଲୋଚନା ହୋଇଥିଲା। ଡାକ୍ତରଖାନା ଭିତରେ ରୋଗୀଙ୍କୁ ସ୍ଥାନାନ୍ତର କରିବା ପାଇଁ ବ୍ୟାଟେରୀ ଚାଳିତ ଷ୍ଟ୍ରେଚର ଗାଡିର ଆବଶ୍ୟକତା ଉପରେ ଡାକ୍ତର ଆଚାର୍ଯ୍ୟ ବିଧାୟକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ୟାଟେରୀ ଚାଳିତ ଷ୍ଟ୍ରେଚର ଗାଡି ପାଇଁ ଯାହା ଟଙ୍କା ଲାଗିବ ବ୍ୟବସ୍ଥା କରିବେ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରଖାନା ଓ ମେଡିକାଲ କଲେଜ ଜମି ଜବରଦଖଲ ଉଚ୍ଛେଦ ଉପରେ ଆଲୋଚନା ହୋଇଥିଲା। ଏକ ରିପୋର୍ଟ ଦେଲେ ଆଗାମୀ ବିଧାନସଭାର ପ୍ରଥମ ଅଧିବେଶନ ଓ ବଜେଟ ଅଧିବେଶନରେ ସେ ଉପସ୍ଥାପିତ କରିବେ ବୋଲି କହିଥିଲେ। ଏହି ଆଲୋଚନାରେ ଡାକ୍ତର ମାନସୀ ପଣ୍ଡା, ରାଜଶ୍ରୀ ବିଶ୍ୱାଳ, ଜୟନ୍ତୀପ୍ରଭା ବେହେରା, ମନୀଷ ମିଶ୍ର, ବୁଲୁ ଦାନୀ, ସୁରୁଲାଲ ମଟାରୀ, ଦୀପନ ଯୋଷୀ, ଟଙ୍କଧର ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

ଆଗଲପୁର ବ୍ଲକରେ ବିଧାୟକଙ୍କ ସମୀକ୍ଷା ବୈଠକ

## ବିକାଶ ପାଇଁ ଅଫିସର, ଜନପ୍ରତିନିଧିଙ୍କ ସହଯୋଗ ଲୋଡ଼ା

**ଲୋଇସିଂହା,୧୮।୬(ଡି.ଏନ.ଏ.)**



ଆଗଲପୁର ବ୍ଲକ ସଭାଗୃହଠାରେ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକରେ ବିଧାୟକ ଓ ସରକାରୀ ଅଫିସରମାନେ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଭାଗୃହଠାରେ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ବ୍ଲକର ବିକାଶ ପାଇଁ ସେ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗ କାମନା କରିଥିଲେ। କୌଣସି ସରକାରୀ ଯୋଜନାରେ ଯେପରି ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବେ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତାକୁ ନେଇ କାମ କରିବାକୁ ସେ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ବିଧାୟକଙ୍କ ଉପସ୍ଥିତିରେ ଜନସାଧାରଣଙ୍କ ସମସ୍ୟା ଶୁଣିବା ପାଇଁ ବ୍ଲକରେ ପ୍ରତିମାସ ଅଭିଯୋଗ ଶୁଣାଣି କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବ୍ଲକର ୨୦ ଜଣ ବୃଦ୍ଧାବୃଦ୍ଧଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବଣ୍ଟନ କରାଯାଇଥିଲା। ଅପରପକ୍ଷରେ ସମୀକ୍ଷା ବୈଠକ ଚାଲିଥିବା ବେଳେ ବ୍ଲକରେ ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତ ହେଉଥିବା ଅଭିଯୋଗ ଆଣି ପୂର୍ବତନ ଏମ୍‌ପି ବାଳଗୋପାଳ ମିଶ୍ର ତାଙ୍କ ସମର୍ଥକଙ୍କ ସହ ଧାରଣା ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଡିଓ ସୁଦର୍ଶନ ସେ ଅଧ୍ୟକ୍ଷତା କରିଥିଲେ। ତହସିଲଦାର ଉଗ୍ରେସନ ଓରାମ, ବିଇଓ ମୁଳତା ଭୋଇ, କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ, ସ୍ୱାସ୍ଥ୍ୟ ବିଭାଗରୁ ବିପିଏମ ପ୍ରବୀର ଭୋଇ. ଜନସ୍ୱାସ୍ଥ୍ୟ ବିଭାଗର ଦୁର୍ଗା ପ୍ରସାଦ ମିଶ୍ର, କୃଷି ଉଦ୍ୟାନ ବିଭାଗର ଅଧରକାରୀ ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଅନ୍ୟାମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁନୀତା ମାଝି, ଉପଉଧ୍ୟକ୍ଷ ମନମୋହନ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ଜିଲା ରିଷଦ ସଭ୍ୟା ସୁକୁମାରୀ ଧରୁଆ, ଭାଜପା ମଣ୍ଡଳ ସଭାପତି ଓମେଶ ପଟେଲ, ବୈଶାଖୁ ପଟେଲ, ମନୋଜ ପଟେଲ, ମିଡିଆ ସେଲ୍ ଅଧ୍ୟକ୍ଷ ଭୂତାନାଥ ନାଏକ, ରାଜୁ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ଅପରାହ୍ନରେ ଆଗଲପୁର ବ୍ଲକ ନାଗରିକ କମିଟି, ମାରୱାଡି ଯୁବା ମଞ୍ଚ, ସାହିତ୍ୟ ଏକାଦେମି ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ନାବାଳିକାଙ୍କୁ ଗଣବଳାତ୍କାର, ୨ ଅଟକ

ଝାରସୁଗୁଡ଼ା ଅଫିସ/ ଲଖନପୁର, ୧୮।୬ (ଡି.ଏନ୍.ଏ.): ଝାରସୁଗୁଡା ଜିଲା ତାଳପଟିଆ ଫାଣ୍ଡି ଅଞ୍ଚଳର ଜଣେ ୧୭ବର୍ଷିଆ ନାବାଳିକାଙ୍କୁ ସୋମବାର ଗଣବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ମାଆ ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୪୧୮/୧୯) ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଛି। ବୁଧବାର ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ପବିତ୍ର କିଷାନ କହିଛନ୍ତି। ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ସମ୍ପର୍କରେ ମଙ୍ଗଳବାର ଜଣେ ବ୍ୟକ୍ତି ଫୋନ୍ ଯୋଗେ ଚାଇଲ୍ଡଲାଇନ୍‌କୁ ଜଣାଇଥିଲେ। ଚାଇଲ୍ଡଲାଇନ୍ ଅଧିକାରୀମାନେ ନାବାଳିକାଙ୍କ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପୀଡ଼ିତାଙ୍କ ମାଆ ଅଧିକାରୀଙ୍କୁ ସମସ୍ତ କଥା କହିଥିଲେ। ପରେ ଚାଇଲ୍ଡଲାଇନ୍ ସହାୟତାରେ ପୀଡ଼ିତାଙ୍କ ମାଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୀଡ଼ିତାଙ୍କ ମାଆ ସବୁଦିନ ପରି ସୋମବାର କାମ କରିବାକୁ ବାହାରକୁ ଯାଇଥିଲେ। ତେବେ ଫେରିବା ବିଳମ୍ବ ହେବାରୁ ନାବାଳିକା ଜଣକ ଘରୁ ବାହାରି ଆସି ରାସ୍ତାରେ ମାଆଙ୍କୁ ଅପେକ୍ଷା କରିଥିଲେ। ଏହାର ସୁଯୋଗ ନେଇ ୨ଜଣ ଯୁବକ ନାବାଳିକାଙ୍କୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକା ଜଣକ ମାଆଙ୍କୁ ସବୁକିଛି କହିଥିଲେ।

### ୧୫ ଦିନ ହେଲା ଏଫଏଫ କଲୋନୀ ଅନ୍ଧାର

ରାଉରକେଲା ଅଫିସ,୧୮।୬
ଦକ୍ଷିଣ ରାଉରକେଲା ଅନ୍ତର୍ଗତ ଫାୟାର ଫାଇଟିଂ କଲୋନୀ(ଏଫଏଫ କଲୋନୀ) ବାସିନ୍ଦା ଗତ ୧୫ ଦିନ ହେବ ଅନ୍ଧାରରେ ରହିଛନ୍ତି। କଲୋନୀର ୩୦ କ୍ୱାର୍ଟର୍ସକୁ ବିଜୁଳି ଯୋଗାଣ ବନ୍ଦ ରହିଛି। ଏହି କଲୋନୀରେ ଆରଏସପି କର୍ମଚାରୀ ବସବାସ କରୁ ନ ଥିବାରୁ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ବିନା ଲାଇନରେ ପ୍ରବଳ ଗୁଳୁଗୁଳି ଗରମରେ କଲୋନୀ ବାସିନ୍ଦା ହନ୍ତସନ୍ତ ହେଉଛନ୍ତି। କର୍ତ୍ତୃପକ୍ଷ ଏ ନେଇ କର୍ଣ୍ଣପାତ ନ କରିବା ଯୋଗୁ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ମାନବିକତା ଦୃଷ୍ଟିରୁ ବିଜୁଳି ଯୋଗାଇ ଦେବାକୁ କଲୋନୀବାସୀ ଦାବି କରିଛନ୍ତି।

# ନୂତନ ଗୃହ ନିର୍ମାଣରେ ପୁରୁଣା ଇଟା ବ୍ୟବହାର

କୁତ୍ରା, ୧୮।୬ (ଡି.ଏନ.ଏ)

**କୁତ୍ରା ବ୍ଲକ**
- ସରକାରୀ କାମରେ ଏଭଳି ଚାଲେ ବୋଲି ଅଧିକାରୀଙ୍କ ଉତ୍ତର
- ତଦନ୍ତ ସହ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବା ପାଇଁ ଦାବି

କୁତ୍ରା ବ୍ଲକ କଲୋନୀଠାରେ ଚାଲିଥିବା ଏକ ନୂତନ ଗୃହ ନିର୍ମାଣ କାମରେ ସେଠାରେ ଭଙ୍ଗା ଯାଇଥିବା ପୁରୁଣା ଘରର ଇଟା ବ୍ୟବହାର କରି ଅର୍ଥ ଆତ୍ମସାତ କରିବା ପ୍ରୟାସ କରାଯାଇଛି। ଏନେଇ ଅଭିଯୋଗ ପରେ ସରକାରୀ କାମରେ ଏଭଳି ଚାଲେ ବୋଲି କୁତ୍ରା ବ୍ଲକ ଏଇ ଉତ୍ତର ଦେଇଛନ୍ତି। ଏଣୁ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବା ପାଇଁ ଦାବି ହେଉଛି। କିଛି ମାସ ହେବ କୁତ୍ରା ବ୍ଲକରେ ଥିବା ବ୍ଲକ କଲୋନୀରେ ୨ଟି କର୍ମଚାରୀଙ୍କ ପାଇଁ ରହିଥିବା ଆଜବେଷ୍ଟ ଗୃହକୁ ଛାତ ଘର ତିଆରି କରିବା ପାଇଁ ଭଙ୍ଗା ଯାଇଥିଲା। ଏହି ଗୃହ କାମ ସୁନ୍ଦରଗଡର ଜନୈକ ଠିକାଦାର କରୁଛନ୍ତି। ଏହି ଗୃହ ସମ୍ପୂର୍ଣ୍ଣ ଭାବେ ନୂତନ ତିଆରି କରିବାର ବ୍ୟୟ ଅଟକଳ କରାଯାଇଥିବା ବେଳେ ଗୃହର ତଳ ଭାଗରେ ଭଙ୍ଗାଯାଇଥିବା ଗୃହର ଇଟା



ନୂତନ ଗୃହ ନିର୍ମାଣ କାମରେ ଭଙ୍ଗା ଯାଇଥିବା ପୁରୁଣା ଘରର ଇଟା ବ୍ୟବହାର କରାଯାଉଛି।

ଲଗାଇ ନୂତନ ଇଟା ଲଗାଇବା ପାଇଁ ଥିବା ବ୍ୟୟ ଅଟକଳର ଅର୍ଥ ଆତ୍ମସାତ କରିବା ପ୍ରୟାସ କରାଯାଇଛି। ଏ ସମ୍ବନ୍ଧରେ ଜଣାପଡିବା ପରେ କୁତ୍ରା ଧରିତ୍ରୀ ପ୍ରତିନିଧି କୁତ୍ରା ବ୍ଲକ ଦାୟୀତ୍ୱରେ ଥିବା ଏଇ ନିତ୍ୟାନନ୍ଦ ସିଂଙ୍କୁ ଭେଟି ବ୍ଲକ କଲୋନୀରେ ତିଆରି ହେଉଥିବା ନୂତନ ଗୃହର ତଳଅଂଶରେ ପୁରୁଣା ଇଟା ଲଗାଯାଇ କାମ ହୋଇଥିବା ବାବଦରେ ପଚରାଯିବାରୁ ପୁରୁଣା ଇଟା ଲଗାଯିବା ଘଟଣାକୁ ସମ୍ପୂର୍ଣ୍ଣ ଭାବେ ମନା କରି ଦେଇଥିଲେ। ପରେ ଆମ ପ୍ରତିନିଧି ତାଙ୍କୁ ସାଙ୍ଗରେ ଗୃହ ନିର୍ମାଣ ସ୍ଥାନକୁ ନେଇଯିବା ପରେ ଏଇ ପୁରୁଣା ଇଟା ଲଗାଯାଇଥିବା ଘଟଣାକୁ ସ୍ୱୀକାର କରିବା ସାଙ୍ଗକୁ କାର୍ଯ୍ୟାନୁଷ୍ଠାନ ନେବା କଥା କହିଥିଲେ। ଏ ଘଟଣାକୁ ସପ୍ତାହେ ବିତିଲା ପରେ ବୁଧବାର ଏଇ ନିତ୍ୟାନନ୍ଦ ସିଂଙ୍କୁ ନୂତନ ଗୃହ ନିର୍ମାଣରେ ପୁରୁଣା ଇଟା ଲଗାଯାଇଥିବା ଘଟଣା ସମ୍ବନ୍ଧରେ କି କାର୍ଯ୍ୟାନୁଷ୍ଠାନ ନିଆଗଲା ବୋଲି ଫୋନ ମାଧ୍ୟମରେ ପଚାରିବାରୁ ଘଟଣାଟି ସତ ବୋଲି ସ୍ୱୀକାର କରିବା ସାଙ୍ଗକୁ ସରକାରୀ କାମରେ ଏଭଳି ଘଟଣା ଘଟେ ବୋଲି ଉତ୍ତର ଦେଇଥିଲେ। ଠିକାଦାର ଅଳ୍ପ ପୁରୁଣା ଇଟା ଲଗାଇ ଦେଇଛନ୍ତି ହେଲେ କଣ ଘରଟାକୁ ଭାଙ୍ଗିଦେବା ବୋଲି ଓଲଟା ପ୍ରଶ୍ନ କରିଥିଲେ। ପୁରୁଣାଇଟା ଲଗାଇ ଅର୍ଥ ଆତ୍ମସାତ ପ୍ରୟାସ ଏହି ଘଟଣାରୁ ସ୍ପଷ୍ଟ ବାରିହୋଇ ପଡୁଛି। ବ୍ଲକରେ ହେଉଥିବା ବିଭିନ୍ନ ଉନ୍ନୟନ କାମ ବହୁ ନିମ୍ନମାନର ହେଉଥିବା ଅଭିଯୋଗ ହେବା ସତ୍ତ୍ୱେ ଠିକାଦାର ଓ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବାରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

## ପଲିଥିନ କାରବାର ଉପରେ ଚଢ଼ାଉ

ରେଢ଼ାଖୋଲ,୧୮।୬(ଡି.ଏନ୍.ଏ.)

ରେଢ଼ାଖୋଲ ସହରରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବେଆଇନ ପଲିଥିନ ବ୍ୟବହାରକାରୀ ଉପରେ ଚଢ଼ଉ କରାଯାଇ ୮୦ କିଲୋଗ୍ରାମ ପଲିଥିନ ଜବତ କରାଯିବା ସହ ୮ ହଜାର ୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ନୋଡାଲ ଅଧିକାରୀ ଜାହେଦ ପରବିନ ଓ ଏନ୍ଏସି କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ। ଅତିରିକ୍ତ ତହସିଲଦାର ଗୌରୀଶଙ୍କର ସାହୁ, ଡେପୁଟି କଲେକ୍ଟର ଆଦଲିନ ବାରା ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ପଲିଥିନ ବ୍ୟବହାର ନ କରିବାକୁ ସଭାସମିତି ଜରିଆରେ ସଚେତନ କରାଯାଉଥିଲେ ମଧ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ବେଆଇନ ପଲିଥିନ୍ ବ୍ୟବହାର ଉପରେ ଲୋକ୍ ଲଗାଯାଇ ପାରୁନାହିଁ। ନିୟମିତ ଭାବେ ପ୍ରଶାସନ ଚଢ଼ାଉ କଲେ ଏହାକୁ ରୋକାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଆମ ଜମିରେ ଜବରଦସ୍ତ ରାସ୍ତା ନିର୍ମାଣ ହେଉଛି



ପଟ୍ଟାଯୁକ୍ତ ଜମିରେ ରାସ୍ତା ନିର୍ମାଣ ହେବା ନେଇ ୩ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ରାଉରକେଲା ଅଫିସ,୧୮।୬

ଲାଠିକଟା ନିକଟ ଏରଗେଡା ଅଞ୍ଚଳର ୩ଜଣ ଆଦିବାସୀଙ୍କ ଜମି ଉପରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯିବା ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ରାସ୍ତା ତିଆରି ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ସମ୍ପୃକ୍ତ ପରିବାର ପକ୍ଷରୁ ଅବଗତ କରାଯାଇଥିଲା। ତଥାପି ନିର୍ମାଣ କାର୍ଯ୍ୟ ଆବ୍ୟାହତ ରହିବା ଗ୍ରାମବାସୀଙ୍କୁ ଚକିତ କରିଛି। ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ବାଙ୍କି ପଞ୍ଚାୟତ ରାଣୀବେର୍ଣ୍ଡା ଟୁଙ୍ଗୁରିଟୋଲା ବସ୍ତିରେ ସୁମି ଏକ୍କା, କଇଲା ଓରାମ ଓ ଗାନସା ଓରାମ ରହୁଛନ୍ତି। ଏହି ବସ୍ତି ଦେଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଉପରୋକ୍ତ ୩ ପରିବାରର ପଟ୍ଟାଯୁକ୍ତ ଜମି ଉପରେ ବିନା ଅନୁମତିରେ ରାସ୍ତା ତିଆରି କରାଯାଉଛି ବୋଲି ଏମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଟିକେଶ୍ୱରୀ ମୁଣ୍ଡାରୀ ଏ ନେଇ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ମଧ କରିଛନ୍ତି। ଠିକା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ମଧ ଏହି ପଟ୍ଟାଯୁକ୍ତ ଜମିର ନକଲ ପ୍ରଦାନ ପରାଯାଇଛି। ଏହା ସତ୍ତ୍ୱେ ରାସ୍ତା ନିର୍ମାଣ ହେଉଛି।

## ୧୫ ଦିନ ହେଲା ଇନ୍ଦିରାପାଲ୍ଲୀବସ୍ତିରେ ସୋଲାର ପମ୍ପ ଅଚଳ

# ଆରଏସ୍‌ପି କ୍ୱାର୍ଟର୍ସକୁ ପାଣି ପାଇଁ ଗଲେ ଭର୍ତ୍ସନା

ରାଉରକେଲା ଅଫିସ,୧୮।୬



ଅଜୟ ବିଶ୍ୱାଳ



ମମତା ଚାନ୍ଦ



ରଞ୍ଜିତା ନାୟକ



ସନ୍ଧ୍ୟା ବିନ୍ଧାଣୀ



ସୁଶାନ୍ତ ସାହୁ

କଥା ଦେଇଥିଲେ ବିଜୁଳି ପରିବର୍ତ୍ତେ ସୋଲାର ସୁବିଧା ହେବ। କେବେ ଆପଣ ମାନେ ଅସୁବିଧାର ସମ୍ମୁଖୀନ ହେବେନି। ସବୁବେଳେ ପାଣି ପାଇବେ। ହେଲେ ଗତ ୧୫ ଦିନ ହେବ ବସ୍ତିକୁ ପାଣି ଆସୁନି। ଲୋକେ ପର ଘରେ ପଶି ପାଣି ମାଗୁଛନ୍ତି। ବାର ଦୁଆର ହେବାକୁ ପଡୁଛି। ସେମାନଙ୍କ ଇଚ୍ଛା ହେଲେ ଦେଉଛନ୍ତି ନ ହେଲେ ନାହିଁ। ବଦଳରେ ପାଣି ସଂଗ୍ରହ ପାଇଁ ଆସୁଥିବା ମହିଳାଙ୍କୁ କଟୁ କଥା ଶୁଣିବାକୁ ପଡୁଛି। ଏମିତି ଅବସ୍ଥାର ସମ୍ମୁଖୀନ ହୋଇଛନ୍ତି ଦକ୍ଷୀଣ ରାଉରକେଲା ଫର୍ଟିଲାଇଜର ଟାଉନସିପ ନିକଟସ୍ଥ ଇନ୍ଦିରାପାଲ୍ଲୀ ବସ୍ତି ବାସିନ୍ଦା। ଏହି ଅଞ୍ଚଳଟି ଟାଉନସିପ ପାଖକୁ ଲାଗିଥିଲେ ବି ହାତୀବନ୍ଧା ପଞ୍ଚାୟତ ଅଧୀନରେ ଆସୁଛି। ବ୍ଲକ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ସୁବିଧା ନିମନ୍ତେ ଗତ କିଛି ଦିନ ପୂର୍ବେ ସୋଲାର ପମ୍ପ ବ୍ୟବସ୍ଥା କରିଥିଲେ। ଏହା ଅଳ୍ପ କେଇଦିନ ଚାଲିବା ପରେ ଅଚଳ ହୋଇ ପଡିଛି। ଏହାର ମରାମତି କିଏ କରିବ ସେ ନେଇ କାହା ପାଖରେ ଉତ୍ତର ନାହିଁ। ରାଜ୍ୟ ବାହାରୁ ଆସିଥିବା କୌଣସି ଏକ କମ୍ପାନୀକୁ ସୋଲାର ପମ୍ପ ବସାଇବାକୁ ଠିକା ଦିଆଯାଇଥିଲା। କାମ ଶେଷ ପରେ ଉକ୍ତ କମ୍ପାନୀ ଚାଲି ଯାଇଛି। ଏବେ ମରାମତି ନେଇ ବ୍ଲକ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ଉତ୍ତର ମିଳୁଛି କମ୍ପାନୀ



ଅଚଳ ହୋଇପଡିଥିବା ଜଳ ଯୋଗାଣ ପ୍ରକଳ୍ପ।

ଆସିଲେ ସଜଡା ଯିବ। ଏକଥା ଶୁଣି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ମରାମତି କରିବାକୁ କ'ଣ ଓଡିଶାରେ ଲୋକ ନାହାଁନ୍ତି ନା ବ୍ଲକ କର୍ତ୍ତୃପକ୍ଷଙ୍କୁ ଏଥିରେ ହାତ ମାରିବାକୁ ମନା ଅଛି ବୋଲି ଲୋକେ କହୁଛନ୍ତି। ହାତୀବନ୍ଧା ପଞ୍ଚାୟତ ବାଲିଯୋଡି ଗ୍ରାମର ଇନ୍ଦିରା ପାଲ୍ଲୀ ବସ୍ତି ବାସିନ୍ଦା ଗତ କିଛି ଦିନ ହେବ ପାନୀୟ ଜଳ ସଂଗ୍ରହ କରିବା ଦୂର କଥା ଗାଧୁଆପାଧୁଆ ଭୁଲି ଗଲେଣି। ପାଖ ଆରଏସ୍‌ପି କର୍ମଚାରୀଙ୍କ କ୍ୱାଟର୍ସରୁ ପାଣି ସଂଗ୍ରହ ନ କଲେ କାମ ଅଚଳ ହୋଇ ପଡୁଛି। ଏନେଇ ସ୍ଥାନୀୟ ସରପଞ୍ଚ, ବିଡିଓ ଓ ଲୋକ ପ୍ରତିନିଧି ଶୁଣୁ ନାହାନ୍ତି। ଫଳରେ ଏଠାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ବିଜେଡି ନେତା ଅଜୟ ବିଶ୍ୱାଳ ଏ ସମ୍ପର୍କରେ କହନ୍ତି ଯେ, ସୋଲାର ପମ୍ପ ସ୍ୱପ୍ନ ଦେଖାଇ ଏବେ ଲୋକଙ୍କ ଆଖିରେ ଲୁହ ଦେବା ଠିକ ହେଉ ନାହିଁ। ଗତ ୧୫ ଦିନ ହେବ ଇନ୍ଦିରାପାଲ୍ଲୀରେ ପାନୀୟ ଜଳ ସ୍ୱପ୍ନ ପାଲଟିଛି। ଯାହାକୁ ପଚାରିଲେ ଉତ୍ତର ଦେବାକୁ କେହି ସକ୍ଷମ ହେଉ ନାହାନ୍ତି। ସେହିଭଳି ବସ୍ତିର ମମତା ଚାନ୍ଦ ନାମ୍ନୀ ଜଣେ ମହିଳା କହିଛନ୍ତି ଯେ, ହାତୀବନ୍ଧା ସରପଞ୍ଚଙ୍କୁ ଅଭିଯୋଗ କରାଯାଇଛି। ସେ କହିଥିଲେ ରଜ ପରେ ସୁବିଧା କରାଯିବ। ରଜ ଗଲାଣି। ତଥାପି ପାଣି ଦେଖା ନାହିଁ। ସନ୍ଧ୍ୟାା ବିନ୍ଧାଣି ନାମ୍ନୀ ଅନ୍ୟ ଜଣେ ମହିଳା କହିଛନ୍ତି ଯେ, ସେମାନେ ଆଉ କେତେ ଦିନ ପର୍ଯ୍ୟନ୍ତ ପର ଘରକୁ ପାଣି ଆଣିବାକୁ ଯିବେ। ଅନ୍ୟପକ୍ଷେ ବସ୍ତିର ସୁଶାନ୍ତ ସାହୁ କହିଛନ୍ତି ଯେ, ଦୀର୍ଘ ୧୫ ଦିନ ହେବ ବସ୍ତିରେ ପାଣି ନାହିଁ। ଏମିତି ଅବସ୍ଥାରେ ଚଳିବା ଯେ କେତେ କଷ୍ଟ ତହା ଅନୁଭବ କରିଥିବା ଲୋକେ ହିଁ କହି ପରିବେ। ଏହି ବସ୍ତିରେ ରହୁଥିବା ରଞ୍ଜିତା ନାୟକ କହିଛନ୍ତି ଯେ, ତୁରନ୍ତ ବସ୍ତିକୁ ପାଣି ଆସିବା ଦରକାର। ଏ ନେଇ ସେମାନେ ଅନେକ ଅଭିଯୋଗ କରି ସାରିଲେଣି। ତଥାପି ସମସ୍ୟା ସମାଧାନ ନେଇ କେହି ଆଗକୁ ଆସୁ ନାହାନ୍ତି।

# ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ, ଗୋଟିଏ ପରିବାର ସର୍ବସ୍ୱାନ୍ତ

ରେଢ଼ାଖୋଲ,୧୮।୬(ଡି.ଏନ୍.ଏ.)

ଶର୍ଟସର୍କିଟରୁ ନିଆଁ ଲାଗି ରେଢ଼ାଖୋଲ ଥାନା ବନ୍ତଲୋଇ ଗ୍ରାମର ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଛି। ସରକାରୀ ସହାୟତା ଯୋଗାଇଦେବାକୁ ବିପନ୍ନ ପରିବାର ମଙ୍ଗଳବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, ଗ୍ରାମର ସୁଦର୍ଶନ ସ୍ୱାଇଁଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଥିଲା। ଏଥିରେ ୨ ବଖରା ଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଘର ଭିତରେ ଥିବା ସମସ୍ତ ଆସବାବପତ୍ର, ୫୦ ହଜାର ଟଙ୍କା, ସୁନା ଅଳଙ୍କାର, ଟିଭି, ଫ୍ରିଜ, କୁଲର, ମୋବାଇଲ, ୨ ସେଟ ପଲଙ୍କ, ଡ୍ରେସିଂ ଟେବୁଲ, ୱାଶିଂ ମେଶିନ, ସୋଫା ସେଟ୍, ଷ୍ଟିଲ୍ ଆଲମିରା ଆଦି ପୋଡ଼ି ପାଉଁଶ ହୋଇଯାଇଛି। ଏପରି କି ବ୍ୟାଙ୍କ ପାସବୁକ୍, ଆଧାରକାର୍ଡ ଲୁଗାପଟା ମଧ ନଷ୍ଟ ହୋଇଛି। ନିଆଁ ତାତିରେ ଘରର କାନ୍ଥ ମଧ ଭାଙ୍ଗି ପଡ଼ିଯାଇଥିଲା। ନିଆଁ ଲାଗିବା ପରେ ଗ୍ରାମବାସୀ ଏହାକୁ ଆୟତ୍ତ କରିବାକୁ ଉଧମ କରି ବିଫଳ ହୋଇଥିଲେ। ରେଢ଼ାଖୋଲ ଦମକଳ ବାହିନୀ ପହଞ୍ଚିଥିଲେ ହେଁ ସେତେବେଳକୁ ସବୁ ପୋଡ଼ିଯାଇଥିଲା। ଅଗ୍ନିକାଣ୍ଡରେ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି। ପ୍ରାୟ ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ସୁଦର୍ଶନ ଚାରମାଳ ଆର୍‌ଆଇଙ୍କ ଜରିଆରେ ରେଢ଼ାଖୋଲ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଆର୍‌ଆଇ ଗ୍ରାମକୁ ଯାଇ ତଦନ୍ତ କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ୨ଟି ତାରପୋଲିନ ଯୋଗାଇ ଦେଇଥିବା ଜଣାପଡ଼ିଛି।

# ମୋବାଇଲ ଚୋରି, ଧରାପଡ଼ିଲେ ନାବାଳକ

ସମ୍ବଲପୁର,୧୮।୬(ବ୍ୟୁରୋ)

ମୋବାଇଲ ଚୋରି ଅଭିଯୋଗରେ ସମ୍ବଲପୁର ସଦରଥାନା ପୋଲିସ ଜଣେ ନାବାଳକଙ୍କୁ ଧରିଛି। ନାବାଳକ ଜଣକ ଝାଡ଼ଖଣ୍ଡର ବୋଲି ପୋଲିସ ଜାଣିବାକୁ ପାଇଛି। ତାଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରି ରାଉରକେଲା ବାଳସୁଧାର ଗୃହ ପଠାଇ ଦିଆଯାଇଛି। ସୋମବାର ମାନେଶ୍ୱର ସାପ୍ତାହିକ ହାଟରେ ନାବାଳକ ଜଣକ ବଳରାମ ବେହେରାଙ୍କ ମୋବାଇଲ ଚୋରି କରି ପଳାଇ ଯାଉଥିଲେ। ଏହି ସମୟରେ ବଳରାମ ଓ ସ୍ଥାନୀୟ ଲୋକମାନେ ତାଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସହର ତଥା ଆଖପାଖ ଅଞ୍ଚଳକୁ ରାଜ୍ୟ ବାହାର ଲୁଟେରାମାନେ ଟାର୍ଗେଟ କରୁଛନ୍ତି। ଲୁଟେରା ଗ୍ୟାଙ୍ଗରେ ମହିଳା ତଥା ନାବାଳକମାନେ ମଧ ସମ୍ପୃକ୍ତ ରହୁଛନ୍ତି। ତେଣୁ ଏ ଦିଗରେ ଜନ ସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ସଦରଥାନା ଭାରପ୍ରାପ୍ତ ଅଧିକାରୀ ତାରାବତି ପ୍ରଧାନ କରିଛନ୍ତି।

## ଖେଳକୁଦ ମାନସିକ, ଶାରୀରିକ ସୁସ୍ଥ ରଖେ

ରାଉରକେଲା ଅଫିସ,୧୮।୬
ଛେଣ୍ଡସ୍ଥିତ ଏସ୍‌ଓଏସ୍ ଭାରତୀୟ ଶିଶୁ ଗ୍ରାମରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ଗ୍ରାମ ନିର୍ଦ୍ଦେଶକ ତପନ ସୁନା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ କବି କୁଞ୍ଜବିହାରୀ ରାଉତ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଖେଳକୁଦ ଆମକୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିଥାଏ ବୋଲି ଅତିଥିମାନେ କହିଛନ୍ତି। ଅତ୍ୟତମ ଅତିଥି ଭାବେ କେ.କେ. ତ୍ରିପାଠୀ ଓ ସୁନୀଲ ଲେଙ୍କା ଯୋଗ ଦେଇଥିଲେ। ଆଗ୍ନା କେର୍କେଟା, ଆଶିଷ ପଣ୍ଡା, ସୁମି ଉପାଧ୍ୟାୟ, ଭୂପାଳ ନାୟକ, ଲମ୍ବୋଦର ସାହୁ, ପ୍ରଭାତୀ ଦେଇ, ଜୟନ୍ତୀ ନାୟକ, ପ୍ରିୟଙ୍କା ନାୟକ, ମିନତୀ ସ୍ୱାଇଁ, ଡଲି ଦାସ, ପୁଷ୍ପାଜଂଳି ବାରିକ, ବିଶ୍ୱଜିତ ସରକାର ଓ ତପନ ବର୍ମନ ପ୍ରମୁଖ ଥିଲେ।




ଛେଣ୍ଡସ୍ଥିତ ଏସ୍‌ଓଏସ୍ ଭାରତୀୟ ଶିଶୁ ଗ୍ରାମରେ ବାର୍ଷିକ କ୍ରୀଡା ଉତ୍ସବରେ ଅନୁଷ୍ଠିତ ଛାତ୍ରୀଛାତ୍ରମାନେ ଭାଗ ନେଇଛନ୍ତି।

# ଚାଷୀ ସଂଗଠନ ବୈଠକରେ ୫ଦଫା ପ୍ରସ୍ତାବ ଗୃହୀତ

ଲଖନପୁର,୧୮।୬(ଡି.ଏନ୍.ଏ.)

- ଜିଲାପାଳଙ୍କୁ ପ୍ରଦାନ କରାଯିବ ଦାବିପତ୍ର
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଡ଼ାଲୋଇ ପଞ୍ଚାୟତ ରାଜୀବ ଭବନରେ ସ୍ଥାନୀୟ ସରପଞ୍ଚ କିଶୋରୀ ଦଳାଇଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଲଖନପୁର ପଞ୍ଚାୟତ କୃଷକ ସଂଗଠନ ଓ ଖାଡୁ ବାବା ସମଡ଼ା ସେବା ସମବାୟ ସମିତି ସଦସ୍ୟା, ସଦସ୍ୟମାନେ ଯୋଗଦେଇ ଚାଷ ସମ୍ପର୍କିତ କେତେକ ସୁଚିନ୍ତିତ ମତାମତ ରଖିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ୫ଟି ପ୍ରସ୍ତାବ ଗୃହୀତ ହୋଇଛି। ୨୦୧୮ ଖରିଫ୍ ଧାନ ଫସଲ ବିଶେଷ ଭାବେ ମରୁଡ଼ିରେ କ୍ଷତିଗ୍ରସ୍ତ ହୋଇଥିଲା। ଚାଷୀମାନେ ପୂର୍ବରୁ ଶସ୍ୟବୀମା କରିଥିଲେ। କିନ୍ତୁ ଏବେ ସୁଦ୍ଧା ବୀମା କ୍ଷତିପୂରଣ ପାଇନାହାନ୍ତି। ସେହିଭଳି ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ଇନ୍‌ପୁଟ୍ ସବ୍‌ସିଡି ଦେବା ବ୍ୟବସ୍ଥା ରହିଥିଲେ ମଧ ଅଦ୍ୟାବଧି ତାହା ଦିଆଯାଇ ନାହିଁ। ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀଙ୍କ ପାଇଁ ସରକାର କାଳିଆ ଯୋଜନା ପ୍ରଣୟନ କଲେ। ଏହି ଯୋଜନାରେ ବହୁ ଚାଷୀଙ୍କୁ ସାମିଲ କରାଗଲା। ପ୍ରଥମ କିସ୍ତିରେ କେତେକ ଚାଷୀଙ୍କୁ ସହାୟତା ପ୍ରଦାନ କରଯାଇଛି। ହେଲେ ଏହି ସହାୟତା ପାଇବାରୁ କେତେଜଣ ଚାଷୀ ବଞ୍ଚିତ ହୋଇଛନ୍ତି। ଆଉ କେତେଜଣ ଚାଷୀଙ୍କ ନାମ ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ। ଚାଷୀଙ୍କ ପାଇଁ କେନ୍ଦ୍ର ସରକାର ବାର୍ଷିକ ୬ହଜାର ଟଙ୍କାର ସହାୟତା ପ୍ରଦାନ ପାଇଁ ଘୋଷଣା କରିଥିଲେ। ହେଲେ ଏହି ଯୋଜନାରେ ଖୁବ୍ କମ ଚାଷୀ ଉପକୃତ ହୋଇଥିବାବେଳେ ଅଧିକାଂଶ ଚାଷୀ ଏଥିରୁ ବଞ୍ଚିତ ରହିଛନ୍ତି। ଏ ସବୁକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଏ ନେଇ ଚାଷୀ ସଂଗଠନ



ବୈଠକରେ ଯୋଗଦେଇଥିବା ଚାଷୀ ସଂଗଠନର ସଦସ୍ୟ।

ଜିଲା ପ୍ରଶାସନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ। ସଂଗଠନ ଆସନ୍ତା ୨୧ ତାରିଖରେ ଜିଲାପାଳଙ୍କୁ ଭେଟି ୫ଦଫା ପ୍ରସ୍ତାବ ନେଇ ଦାବିପତ୍ର ପ୍ରଦାନ କରିବ। ଏ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କଲେ ଚାଷୀ ସଂଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ଚାଷୀ ସଂଗଠନ କର୍ମକର୍ତ୍ତା ବିରଞ୍ଚି ସାହୁ, ଗୋପୀନାଥ ମାଝି, ମୁରଲୀ ପ୍ରଧାନ, ଦୟାସାଗର ପ୍ରଧାନ, ଅର୍ଜ୍ଜୁନ ପ୍ରଧାନ, ଅକ୍ଷୟ ସା, ରାଜେନ୍ଦ୍ର ବୁଦ୍ଧିଆ, କଣ୍ଡଧର ଭୋଇ, ଧ୍ରୁବଚରଣ ଭୋଇ, ଚୈତନ୍ୟ ମାଝି, କୁବେର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



**ସଂକ୍ଷେପରେ**

## ଚାଷୀଙ୍କୁ ଏଯାଏ ମିଳିନି କାଳିଆ ଟଙ୍କା

**ଲାଞ୍ଜିଗଡ଼,୧୮।୬(ଡି.ଏନ.ଏ.):** ସରକାର ଗଢ଼ିବାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ କାଳିଆ ଯୋଜନାର ସହାୟତା ଦେବାକୁ ଘୋଷଣା କରିଥିଲେ । କିନ୍ତୁ ସରକାର ଗଠନର ପ୍ରଥମ ଦିନ ତ ଦୂରର କଥା ମାସେ ପୂରିବାକୁ ବସିଲାଣି । ନାମକୁ ମାତ୍ର କ୍ୟାବିନେଟ୍ ବୈଠକ ଡାକି ଆଲୋଚନା କରୁଛନ୍ତି । କିନ୍ତୁ ଆଜିଯାଏଁ ଚାଷୀଙ୍କୁ କାଳିଆ ଯୋଜନାର ସହାୟତା ରାଶି ମିଳି ପାରିନାହିଁ । ଜଣେ ବି ଚାଷୀ କାଳିଆ ଯୋଜନାରୁ ବଞ୍ଚିତ ହେବେ ନାହିଁ ବୋଲି ଆହ୍ୱାନ ଦେଇ ଭୋଟ ହାତେଇ ସାରିବା ପରେ ସରକାର ଚାଷୀଙ୍କୁ ଭୁଲି ଗଲେ କି ବୋଲି ଏବେ ଚାଷୀମାନେ ପ୍ରଶ୍ନ କରିବା ସହ ବହୁ ଆଶା ନେଇ ବ୍ୟାଙ୍କ୍ ଆଉ ଏଟିଏମ୍‌କୁ ଦୌଡ଼ୁଛନ୍ତି । କିନ୍ତୁ ସେମାନଙ୍କ ଆକାଉଣ୍ଟରେ ଆଜି ପର୍ଯ୍ୟନ୍ତ କାଳିଆ ଟଙ୍କା ମିଳିନାହିଁ । ବିଶେଷ କରି କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକର ଶହଶହ ଚାଷୀ ଏହି ଯୋଜନାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଥିବା ଜଣାପଡିଛି । ଶହଶହ ଚାଷୀ କାଳିଆ ଯୋଜନାର ପ୍ରଥମ କିସ୍ତି ପାଇ ନ ଥିବାବେଳେ ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି । ଏପରିକି ମୌସୁମୀର ଆଗମନ ପରେ ଚାଷ କାର୍ଯ୍ୟ ଆରମ୍ଭ ହୋଇ ସାରିଥିବାବେଳେ ଅର୍ଥାଭାବ ଚାଷୀଙ୍କ ପାଇଁ କାଳ ସାଜିଛି । ଅପରପକ୍ଷରେ ଭୋଟ ହାତେଇବା ପରେ ସତେ ଯେମିତି ନିଜ ପ୍ରତିଶ୍ରୁତି ଭୁଲିଗଲେ ବୋଲି ଚର୍ଚ୍ଚା ହେଉଛି । ସମବେତ ଚାଷୀ ଆନ୍ଦୋଳନ ମୁହାଁ ହେବା ପୂର୍ବରୁ ସରକାର ନିଜ ପ୍ରତିଶ୍ରୁତି ରକ୍ଷା କରନ୍ତୁ ବୋଲି ଚାଷୀ ମହଲରେ ଦାବି ହେଉଛି । ଏ ସମ୍ପର୍କରେ ଅତିରିକ୍ତ କୃଷି ଅଧିକାରୀ ସୁଧାଂଶୁ ମେହେରଙ୍କୁ ପଚାରିବାରୁ ଚାଷୀଙ୍କ ତାଲିକା ପ୍ରସ୍ତୁତ କରି ଆମେ ସରକାରଙ୍କୁ ଦେଇସାରିଛୁ। ସହାୟତା ରାଶି ଦେବା ଆମ ହାତରେ ନାହିଁ । ବଜେଟ୍ ଅନୁସାରେ ସରକାର ଏହା ପ୍ରଦାନ କରିବେ ବୋଲି ସେ କହିଛନ୍ତି ।

## ସିନାପାଲିରେ ଧାନ ବିହନ ଚଢ଼ା ଦରରେ ବିକ୍ରି ଅଭିଯୋଗ

**ସିନାପାଲି,୧୮।୬(ଡି.ଏନ.ଏ.):** ବର୍ତ୍ତମାନ ଚାଷୀମାନେ ଧାନ ବୁଣିବା ପାଇଁ ବ୍ୟାକୁଳ ହୋଇଉଠୁଥିବା ବେଳେ ସିନାପାଲି ଅଞ୍ଚଳରେ ବିହନ ଧାନ ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ କିଗ୍ରା ପ୍ରତି ୧୮ ଟଙ୍କା ଏବଂ ଆଉ କେତେକ ଧାନ ବିହନ କିଗ୍ରା ପ୍ରତି ୨୦ ଟଙ୍କା ଦରରେ ବିକ୍ରି ହେବା କଥା। ତଦନୁସାରେ ୨୦ କେଜି ବିହନ ବ୍ୟାଗ ୩୬୦ ଟଙ୍କା କିମ୍ବା ୪୦୦ ଟଙ୍କା ଦରରେ ବିକ୍ରି ହେବା କଥା । କିନ୍ତୁ ସିନାପାଲି ଅଞ୍ଚଳରେ ବିଭିନ୍ନ ଧାନ ବିକ୍ରୟ କେନ୍ଦ୍ରରେ ବ୍ୟାଗ ପ୍ରତି ୬୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଚାଷୀଙ୍କଠାରୁ ନେଉଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ ସ୍ଥାନୀୟ କୃଷି ଅଧିକାରୀ ସଞ୍ଜୟ ପାତ୍ରଙ୍କୁ ପଚାରିବାରୁ ସେ ଏପରି ଅଭିଯୋଗ ପାଇନାହିଁ ତଥାପି ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।

# ଖୋଲା ଆକାଶ ତଳେ ଚାଲିଛି ଖୁଣ୍ଟିଆ ମଣ୍ଡି

**କୋକସରା,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଖୁଣ୍ଟିଆ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବା ଦେଖିବାକୁ ମିଳୁଛି। ଏହି ମଣ୍ଡି ଚଳିତବର୍ଷ ନୂତନ ଭାବେ ରବିଧାନ କିଣା ଆରମ୍ଭ କରାଯାଇଛି। କିନ୍ତୁ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଖୋଲା ଆକାଶ ତଳେ ଧାନ ପଡିରହିଛି। ଖୁଣ୍ଟିଆ ମଣ୍ଡିରେ ଆବଶ୍ୟକ ମୁତାବକ ମିଲର ଟେଗ କରାଯାଇ ନ ଥିବାବେଳେ ଜଣେ ମାତ୍ର ମିଲର୍ସ ଧାନ ଉଠାଣ କରୁଥିବାରୁ ଧାନ କିଣାରେ ମନ୍ଥର ହେଉଛି । ଏଥିଯୋଗୁ ମଣ୍ଡିରେ ଚାଷୀଙ୍କ ଧାନସବୁ ପଡିରହିଥିବା ବେଳେ କାଳବୈଶାଖୀ ଓ ପ୍ରାକ୍ ମୌସୁମୀ ବର୍ଷା ଆଗମନ ଯୋଗୁ ଧାନ ନଷ୍ଟ ହେବା ଆଶଙ୍କା ରହିଥିବାରୁ ଚାଷୀ ଏବେ ଚିନ୍ତାରେ ପଡିରହିଛନ୍ତି।

କୋକସରା ବ୍ଲକ ଖୁଣ୍ଟିଆ ମଣ୍ଡିରେ ଚଳିତବର୍ଷ ପ୍ରଥମ ଥର ପାଇଁ ଡାଲୁଆ ଧାନ କିଣା ଆରମ୍ଭ କରାଯାଇଥିବାବେଳେ କସ୍ତୁରବା ସ୍ୱଂୟ ସହାୟକ ଗୋଷ୍ଠୀ ମହିଳାଙ୍କୁ ଧାନ କିଣା ଦାୟିତ୍ୱ ଦିଆଯାଇଛି। ମହିଳାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ଧାନ କିଣାରେ ସ୍ୱଚ୍ଛତା ଆସିବ ଓ ଧାନ ଶୀଘ୍ର ଉଠାଣ ହେବ ବୋଲି ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। କିନ୍ତୁ ମଣ୍ଡିରେ ଆବଶ୍ୟକ ମୁତାବକ ମିଲର ଟେଗ ହୋଇ ନ ଥିବାରୁ ଏଠାରେ ଧାନ କିଣା ଧିମେଇ ଯାଇଛି। ଚଳିତବର୍ଷ ଖୁଣ୍ଟିଆ ମଣ୍ଡିରେ ଧାନ ବିକ୍ରି ପାଇଁ ୯୧ ଜଣ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ୭ ହଜାର ୭ ଶହ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଧାର୍ଯ୍ୟ କରାଯାଇଛି। ଗତ ୫ ତାରିଖରୁ ଧାନ କିଣା ଆରମ୍ଭ କରାଯାଇ ପ୍ରଥମ ଦିବସରେ ୨ ଶହ ୭୩ କୁଇଣ୍ଟାଲ, ୬ ତାରିଖରେ ୨ଶହ ୫୮ କୁଇଣ୍ଟାଲ, ୭ ତାରିଖରେ ୪ ଶହ ୩୩ କୁଇଣ୍ଟାଲ ଧାନ କିଣାଯାଇଛି। ୮ତାରିଖରେ ୪ଶହ ୧୨ କୁଇଣ୍ଟାଲ, ୯ ତାରିଖରେ ୪ ଶହ ୧୯ କୁଇଣ୍ଟାଲ, ୧୦ ତାରିଖରେ ୨ଶହ ୮୪ କୁଇଣ୍ଟାଲ ୬୫ କେଜି, ୧୧ ଓ ୧୨ ତାରିଖ ମଣ୍ଡି ବନ୍ଦ ରହିଥିବାବେଳେ ୧୩ ତାରିଖ ୩ ଶହ ୯୨ କୁଇଣ୍ଟାଲ ୨୫ କେଜି, ୧୪ ତାରିଖ ୧ ଶହ ୩୧ କୁଇଣ୍ଟାଲ ୩୧ କେଜି, ୧୫ ତାରିଖରେ ୪ଶହ ୫ କୁଇଣ୍ଟାଲ ୩୫ କେଜି ଏଭଳି ୫୪ ଜଣ ଚାଷୀଙ୍କଠାରୁ ୩ ହଜାର ୧୦ କୁଇଣ୍ଟାଲ ୬୬ କେଜି କିଣାଯାଇଛି। ଆରମ୍ଭରେ ବିଳମ୍ବ ଓ ମନ୍ଥର ଗତିରେ ଧାନ ଉଠାଣ ଯୋଗୁ ୧୫ ତାରିଖ ସୁଦ୍ଧା ୫୦%ରୁ କମ ଧାନ ଉଠାଣ କରାଯାଇଥିବା ବେଳେ ଆଉ ବାକି ୪ ହଜାର କୁଇଣ୍ଟାଲରୁ ଅଧିକ ଧାନ ଉଠାଣ କରିବାକୁ ଆଉ ସପ୍ତାହେରୁ ଅଧିକ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ମୌସୁମୀ ଆଗୁଆ ସୂଚନା ଯୋଗୁ ଚାଷୀଙ୍କ ଧାନ ବିକ୍ରି କରିବାରେ ବାଧା ଉପଜିବା ଆଶଙ୍କା କରାଯାଉଛି। ଜିଲା ପ୍ରଶାସନ ଖୁଣ୍ଟିଆ ମଣ୍ଡିରେ ଅଧିକ ମିଲର୍ସ ଟେଗ କରି ତୁରନ୍ତ ଧାନ ଉଠାଣ ଦିଗରେ ପଦକ୍ଷେପ ନେବାକୁ ସ୍ୱଂୟ ସହାୟକ ଗୋଷ୍ଠୀର ପଙ୍କଜୀନୀ ମେହେରା, କେତକୀ ମେହେର, ପ୍ରେମଶିଳା ମେହେର, ମରୁଆ ମେହେର, ସକୁନ୍ତଳା ମେହେର, ବିମଳା ମେହେର, ଭାନୁ ମେହେର, ମେଦନୀ ମେହେର ଦାବି କରଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶିବପ୍ରସାଦ ଦୋରଙ୍କୁ ଯୋଗାଯୋଗ କରାଯାଇ ଥିଲା ମଧ୍ୟ ତାଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ ।



କୋକସରା ବ୍ଲକ ଖୁଣ୍ଟିଆ ମଣ୍ଡିରେ ଖୋଲା ଆକାଶ ତଳେ ଧାନ ପଡ଼ିରହିଛି।

**କୋକସରା ବ୍ଲକ**

- ଅଧିକ ମିଲର ଟେଗ୍ କରିବାକୁ ଦାବି
- ୯୧ ଚାଷୀ ପଞ୍ଜୀକୃତ ହୋଇଛନ୍ତି
- ୫୪ ଚାଷୀଙ୍କଠାରୁ ୩ ହଜାର ୧୦ କୁଇଣ୍ଟାଲ କିଣାଯାଇଛି
- ପ୍ରାକ୍ ମୌସୁମୀ ବର୍ଷା ନେଇ ଚିନ୍ତାରେ ଚାଷୀ

# ହାତୀବେଶରେ ମହାପ୍ରଭୁଙ୍କୁ ଦର୍ଶନ କଲେ ଶତାଧିକ ଭକ୍ତ

**ଭବାନୀପାଟଣା,୧୮।୬(ଡି.ଏନ.ଏ.)**

ଭବାନୀପାଟଣା ସହରରେ ଥିବା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ସୋମବାର ସମାରୋହରେ ପାଳିତ ହୋଇଯାଇଛି। ରୀତିନୀତିରେ ଠାକୁରଙ୍କୁ ସ୍ନାନ କରାଇ ପୂଜାର୍ଚ୍ଚନା କରାଯାଇଛି। ପଣ୍ଡିତ ମଙ୍ଗୁଲୁ ମିଶ୍ର ଶ୍ରୀଜୀଉମାନଙ୍କ ଦେବସ୍ନାନ ନୀତି ସମ୍ପାଦନ କରିଥିଲେ। ୧୨ଟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପରେ ପଞ୍ଚାମୃତ, କ୍ଷୀର ଓ ଗଙ୍ଗାଜଳରେ ସ୍ନାନ କରାଯାଇଥିଲା। ସ୍ନାନ ପରେ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ଦେବସ୍ନାନ ନୀତି ଦେଖିବା ପାଇଁ ମନ୍ଦିରରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିରର ପୂଜକ ଅଜୟ ମହାପାତ୍ର ଶ୍ରୀଜୀଉମାନଙ୍କୁ ସ୍ନାନ କରାଇଥିଲେ। ସ୍ନାନ ନୀତି ସମାପନ ପରେ ଜଗନ୍ନାଥ ଓ ବଳଭଦ୍ରଙ୍କୁ ହାତୀ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜୀଉଙ୍କ ହାତୀ ବେଶ ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ନିମନ୍ତେ ଖୋଲାଯାଇଥିଲା। ବିଳମ୍ବିତ ରାତି ଯାଏଁ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ହାତୀ ବେଶ ଦର୍ଶନ କରିଥିଲେ।



ଭବାନୀପାଟଣା ସହର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ଦେବସ୍ନାନ ପୂର୍ଣ୍ଣିମା।



ସମ୍ବିଧାନ ସଚେତନତା ଶିବିରରେ ଭାଗ ନେଇଥିବା ଲୋକ ।

## ଚିଲଗୁଡ଼ାରେ ସମ୍ବିଧାନ ସଚେତନତା ଶିବିର

**ଜୁନାଗଡ,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଲଗୁଡାରେ ସମ୍ବିଧାନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଲଗୁଡା ଡମ ସମାଜର ସମ୍ପାଦକ ସୁନ୍ଦର ମୋହନ ଛତ୍ରିଆଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ସଚେତନତା ଶିବିରରେ ଡମ ସମାଜ ସଭାପତି ନୀଳକଣ୍ଠ ନାଏକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡାକ୍ତର ବିବେକାନନ୍ଦ ମହାନନ୍ଦ ଯୋଗଦେଇ ଉପସ୍ଥିତ ଲୋକଙ୍କ ସମ୍ବିଧାନ ବିଷୟରେ ସଚେତନ କରାଇବା ସହ ମାର୍ଗ ଦର୍ଶନ କରିଥିଲେ। ପରେ ସାମ୍ବିଧାନିକ ଅଧିକାର, ଆଇନ ଅଧିକାର ଓ ମାନବ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ଏହି ସଚେତନତା ଶିବିରରେ ଅଦଲ ନିଆଲ, ନନ୍ଦିକୃଷ୍ଣ ନାଏକ, ବାସୁଦେବ ଛତ୍ରିଆ, ପରମାନନ୍ଦ ଛତ୍ରିଆ, ଆନନ୍ଦ ଦୁର୍ଗା, ସୀତାକାନ୍ତ ନାଗ, କ୍ଷେତ୍ର ଦୀପ, ସୁଦାରୁ ନିଆଲ, ସେନାପତି ନାଏକ, ପୀତାମ୍ବର ଦୁର୍ଗା, ଆର୍ମ ଛତ୍ରିଆଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ। ପଦ୍ମନାଭ ନାଗ ଧନ୍ୟବାଦ ଦେଇଥିଲେ।

## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ଭବାନୀପାଟଣା,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ଛତାପଦର ଗ୍ରାମରେ ରବିବାର ସନ୍ଧ୍ୟାରେ କାଳବୈଶାଖୀ ଓ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତାପଦର ଗ୍ରାମର ଶ୍ରୀପତି ନାଗ (୫୩)। ରବିବାର ଅପରାହ୍ଣରେ ଛତାପଦର ଗ୍ରାମର ଶ୍ରୀପତି ହୀରାପୁରସ୍ଥିତ ତାଙ୍କ ଚାଷ ଜମିକୁ ଯାଇଥିବା ବେଳେ ବର୍ଷା ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ନିକଟରେ ଥିବା ଏକ ମହୁଲ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ସ୍ତ୍ରୀ ବଡପୁଅ ଭୂଜବଳଙ୍କୁ ଖବର ଦେଇଥିଲେ। ଭୂଜବଳ ଖୋଜାଖୋଜି କରିବା ପରେ ଜମିକୁ ଯାଇଥିଲେ। ସେଠାରେ ଶ୍ରୀପତି ମରିପଡିଥିବା ଦେଖିଥିଲେ। ରାତିରେ ଜୟପାଟଣା ଡାକ୍ତରଖାନାକୁ ତାଙ୍କ ଶବ ଅଣାଯାଇଥିବା ବେଳେ ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀପତିଙ୍କୁ ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ଶ୍ରୀପତି ଜଣେ ଲୋକପ୍ରିୟ ସଙ୍ଗଠକ ଭାବରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକାର ଛାୟା ଖେଳିଯାଇଛି।

- ପଁଚେତ୍‌ରୁ ବ୍ଲକ ତକ୍ ଗୁହାରି କରି ନିରାଶ

# ଆବାସ ଯୋଜନାରୁ ବଁଚିତ୍ ଟିକ ହରିଜନ

**ଭବାନୀପାଟଣା/କଲମପୁର, ୧୮।୬(ଡି.ଏନ.ଏ.):**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖି, ଅସାହାମାନକର ଲାଗି ଭିନେ ଭିନେ ଯୋଜନା ତିଆର କରି ଥଇଥାନ କରୁଛନ୍। ଇଥିରଲାଗି ସର୍ଭେ କରି ତାଲିକା ତିଆର କରୁଛନ୍। ହେଲେ ସର୍ଭେରେ ଭୁଲ ହେଉ କି ଯୋଜନା କାର୍‌ଯକାରୀ କରୁଥିବାର ଅଧିକାରୀ କରମଚାରୀକଁର ଭୁଲ, ଅନେକ ଜାଗାରେ ସରକାରକଁର ଇ ମହତ୍ ଯୋଜନାରୁ ଅନେକ୍ ହକ୍‌ଦାର ହିତାଧିକାରୀ ବାଦ୍ ପଡୁଛନ୍। କେତେ ଜାଗାରେ ଅନେକ ଗରିବ୍ ଦୁଖି ଏସ୍‌ଇସିସି ତାଲିକାରୁ ବାଦପଡ଼ି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଁଚିତ୍ ହେଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ପଁଚେତ୍ ଅଧୀନ ପାତ୍ରବସା ଗାଁରେ।

ସୂଚନା ହିସାବେ ପାତ୍ରବସା ଗାଁର ଟିକ ହରିଜନ(୬୫)। ସେ ପଣ୍ଡିଗାଁ ପଁଚେତ୍‌ର ୧୨୦ ନଂ. ବିପିଏଲ୍ ହିତାଧିକାରୀ। ସରକାରୀ ନିୟମ ଅନ୍‌ସାରେ ବିପିଏଲ୍ ହିତାଧିକାରୀମାନକୁ ଦରକାରୀ ସାମାନ ସଂଗେ ଅବାସ ଯୋଜନାରେ ସାମିଲ କରବାର କଥା। ହେଲେ ଟିକ ହରିଜନ ଝନେ ହକ୍‌ଦାର ହିତାଧିକାରୀ ହେଇ ବି ଆବାସ ଯୋଜନାରୁ ବାଦ୍ ପଡ଼ିଛନ୍। ଏହେଦେ ସେ କିଡ୍‌ନୀ ରୋଗ୍‌ରେ ଆକ୍ରାଁତ ଥିଲାବେଳେ ଜୀବନ୍ ଯାକ ପେଟ କାଟି ଯାହା ସଁଚିଥିଲେ ସବୁ ଚିକିସ୍ସାରେ ଖରଚ୍ କରି ସରବ୍‌ସୁଆଁତ୍ ହେଇଛନ୍। ଏନ୍ତା ପରିସ୍ଥିତିରେ ଗୁଟେ ବଖରା ଘରେ ପାଁଚ୍ ପରାନୀ କୁଟୁମ ମୁଡ଼ ଗୁଁଜିଛନ୍। ସରକାରୀ ଯୋଜନାରେ ସେ ଘରଖଁଡ଼େ ପାଏବାର ଲାଗି ପଁଚେତ୍‌ରୁ ବ୍ଲକ ତକ୍ ନରଦି ନରଦି ନିହାଲ ହେଇଗଲେନ। ହେଲେ ଆଏଜ୍‌ତକ ସେ ଆବାସ ଯୋଜନାରେ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇଛନ୍। ବାପା ସାଧୁ ହରିଜନ ତାକର ଅମଲରେ ତିନ ବଖରା ଘର ତିଆର କରିଥିଲେ। ସେ ଭଂଗା ଦଦ୍‌ରା ଘର ଭିତରୁ ଟିକ ଗୁଟେ ବଖରାରେ ତାକର କୁଟୁମ ଧରି ବଡ଼ା ଗୁଲଗୁଲା ହେଇ ରହୁଛନ୍। ଇଆଡ଼େ ଅନେକ ଥିଲାବାଲା ଆବାସ ଯୋଜନାର ଲାଭ ପାଉଥିଲାବେଳେ ନିହାତି ଗରିବ୍ ଟିକ ହରିଜନ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଇଛନ୍। ଇ ବାବ୍‌ଦେ କଲମପୁର ବିଡିଓ ହେମସାଗର ଭୋଇକୁଁ ପଚରାଲାରୁ ଯେନ୍ ହକ୍‌ଦାର ହିତାଧିକାରୀ ମାନେ ଏସ୍‌ଇସିସି ତାଲିକାରୁ ବାଦ୍ ପଡ଼ିଛନ୍, ଆମେ ସର୍ଭେ କରି ସେମାନକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରମୁ ବଲି ସେ କହିଥିଲେ।



ଆବାସ ଯୋଜନାରୁ ବଁଚିତ ଟିକ ବିପିଏଲ୍ କାର୍ଡ ଦେଖଉଛନ୍।

- କନିଷ୍ଠ ଯନ୍ତ୍ରୀଙ୍କୁ ଉଠ୍‌ବସ୍ କରିବା ଘଟଣା

# ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ

**ଭବାନୀପାଟଣା,୧୮।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବିଧାୟକ ସରୋଜ ମେହେର ଗତ ୬ ତାରିଖରେ ଆଦିବାସୀ ସମ୍ପ୍ରଦାୟର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ସର୍ବସାଧାରଣରେ ଉଠ୍‌ବସ୍ କରାଇବା ଓ ଜନସାଧାରଣଙ୍କ ସମ୍ମୁଖରେ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ଘଟଣାକୁ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି।

ଉକ୍ତ ଘଟଣାକୁ ତୀବ୍ର ନିନ୍ଦା କରି ଏହାର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କରି ମଙ୍ଗଳବାର କଳାହାଣ୍ଡି ଜିଲା ଆଦିବାସୀ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ଏଥିସହ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ସଭାପତି କିଶୋର ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା କରି ଜିଲାପାଳଙ୍କ ମାଧ୍ୟମରେ ଏକ ୩ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସେମାନଙ୍କ ଦାବିଗୁଡିକ ହେଲା ପାଟଣାଗଡ ବିଧାୟକ ସରୋଜ ମେହେରଙ୍କୁ ଅତିଶୀଘ୍ର ତାଙ୍କୁ ଗିରଫ କରାଯାଉ ଓ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ର କେଉଁ ଆଇନ ବଳରେ ବିଧାୟକଙ୍କ ଆଦେଶ ମୁତାବକ ଅଧୀନସ୍ଥ ସରକାରୀ କର୍ମଚାରୀଙ୍କୁ ମାଡ ମାରିଛନ୍ତି ତାହାର ଉପଯୁକ୍ତ ତଦନ୍ତ କରାଯାଉ ଏବଂ ମିଶ୍ରଙ୍କୁ ନିଲମ୍ବନ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ଗିରଫ କରାଯାଉ। କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କ ମାନବାଧିକାର ଉଲ୍ଲଂଘନ ଓ ତାଙ୍କୁ ଦିଆଯାଇଥିବା ମାନସିକ ନିର୍ଯାତନା ପାଇଁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ସହିତ ତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇ ଦିଆଯିବାକୁ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ଉପସଭାପତି ଜଏନ ଶବର, ପ୍ରକାଶ ମାଝି, ରମେଶ ମାଝି, ସାଗର ମାଝି, ପରମାନନ୍ଦ ମାଝି, ରାଜେନ୍ଦ୍ର ଭୋଇ, କୁମରମଣୀ ମାଝି, ପୁରୁଷୋତ୍ତମ ମାଝି, ଲକ୍ଷ୍ମଣ ଭୋଇ, ସୁରେଶ ମାଝିଙ୍କ ସମେତ ବହୁ ଆଦିବାସୀ ନେତା ଉଦ୍‌ବୋଧନ ଦେଇ ଶୀଘ୍ର ବିଧାୟକ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ଗିରଫ କରାଯାଉ ବବୋଲି ଦାବି କରିଥିଲେ।

**କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ**





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

**ଭବାନୀପାଟଣା,୧୮।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ପଲାନା ପଞ୍ଚାୟତ ଖର୍ସେଲା ଗ୍ରାମବାସୀ ଏସଇସିସି ତାଲିକାରୁ ବାଦ ପଡିଛନ୍ତି। ଫଳରେ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ସୁଫଳ ନ ମିଳିବାରୁ ସୋମବାର ଗ୍ରାମବାସୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଖର୍ସେଲା ଗ୍ରାମକୁ ପୁଣି ଥରେ ଏସ୍‌ଇସିସି ସର୍ଭେ କରାଯାଇ ଖର୍ସେଲା ଗ୍ରାମବାସୀଙ୍କୁ ତାଲିକା ଭୁକ୍ତ କରିବା ପାଇଁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଏସ୍‌ଇସିସି ସର୍ଭେ ନ କରିବା ପର୍ଯ୍ୟନ୍ତ ପଲନା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ତାଲ ବନ୍ଦ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ଅଭିମନ୍ୟୁ ମହାନନ୍ଦ, ବିମ୍ବରାଜ ମାଝି, ଗୋବିନ୍ଦ ନାଏକ, ପ୍ରହ୍ଲାଦ ମହାନନ୍ଦ, ଧନେଶ୍ୱର ନାଏକ ଓ ଟଙ୍କଧର ବାଗଙ୍କ ନେତୃତ୍ୱରେ ପ୍ରାୟ ୫୦ ଜଣ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

୨୦୧୧ ରୁ ୨୦୧୩ ପର୍ଯ୍ୟନ୍ତ କଳାହାଣ୍ଡି ଜିଲାରେ ସାମାଜିକ, ଅର୍ଥନୈତିକ ଓ ଜାତି ଗଣନା ସର୍ଭେ କାର୍ଯ୍ୟ କରାଯାଇଥିଲା। ଏହି ସମୟରେ ସଦର ବ୍ଲକ ଅନ୍ତର୍ଗତ ପଲନା ପଞ୍ଚାୟତ ଖର୍ସେଲା ଗ୍ରାମରେ ମଧ୍ୟ ସର୍ଭେ କାରାଯାଇଥିଲା। ପ୍ରଶାସନିକ ଅବହେଳା କାରଣରୁ ଏହି ସର୍ଭେ ଡାଟାକୁ ଅପ୍‌ଲୋଡ୍ କରାଯାଇନାହିଁ। ଏସ୍‌ଇସିସି ତାଲିକାରେ ଖର୍ସେଲା ଗ୍ରାମବାସୀଙ୍କ କାହାର ମଧ ନାମ ନ ଥିବାରୁ ଏହି ଗ୍ରାମବାସୀ ଗତ ୩ ବର୍ଷ ହେଲା କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି କଲ୍ୟାଣକାରୀ ଯୋଜନାର ସୁଫଳ ପାଇପାରୁନାହାନ୍ତି। ଏସ୍‌ଇସିସି ତାଲିକାରେ ନାମ ଥିଲେ ହିଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଡିଆ ଯୋଜନା ଭଳି ବିଭିନ୍ନ ଯୋଜନାରୁ ହିତାଧିକାରୀ ଚୟନ କରାଯାଇଥାଏ। ନିଜର କୌଣସି ଭୁଲ ନ ଥାଇ ସୁଦ୍ଧା ପ୍ରଶାସନିକ ଅବହେଳା କାରଣରୁ ସରକାରୀ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ।





ଖର୍ସେଲା ଗ୍ରାମବାସୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ଖର୍ସେଲା ଗ୍ରାମ ଏସଇସିସି ତାଲିକାରୁ ବାଦ୍**